# ପ୍ରଗୀତି-ଧାମ

## ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଉଲ୍ଲାସ ଏକତ୍ର


ନୀଳାଚଳ ସାରସ୍ୱତ ସଂଘ, ପୁରୀ

ପ୍ରକାଶକ

ନୀଳାଚଳ ସାରସ୍ୱତ ସଂଘ, ପୁରୀ

ଜୟଗୁରୁ

# ପ୍ରଣତି ଶତକ

(ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଉଚ୍ଛ୍ୱାସ ଏକତ୍ର)


ଗୀତିକାର

ଶ୍ରୀ ଗୁରୁଦାସ



**ପ୍ରକାଶକ ଓ © ସର୍ବସ୍ୱତ୍ୱ ସଂରକ୍ଷକ :**

ନୀଳାଚଳ ସାରସ୍ୱତ ସଂଘ, ପୁରୀ

(ରେଜିଷ୍ଟ୍ରେସନ ନଂ ୭୩୯୧/୩୯୦ ଅଫ୍ ୧୯୭୩-୭୪)

ଶ୍ରୀଶ୍ରୀନିଗମାନନ୍ଦ ସ୍ମୃତିମନ୍ଦିର, (କେନ୍ଦ୍ର ଆସନ ମନ୍ଦିର), ସ୍ୱର୍ଗଦ୍ୱାର, ପୁରୀ

**ସଂସ୍କରଣ :**

ପ୍ରଥମ-୧୯୭୨, ଦ୍ୱିତୀୟ-୧୯୮୫

ତୃତୀୟ-୧୯୯୦, ଚତୁର୍ଥ-୨୦୧୭

**ପ୍ରାପ୍ତିସ୍ଥାନ :**

ସତ୍‌ଶିକ୍ଷା ମନ୍ଦିର, ଏ/୪, ୟୁନିଟ୍-୯

ଭୁବନେଶ୍ୱର-୭୫୧୦୨୨

ଫୋନ୍-୦୬୭୪-୨୩୯୦୦୫୫

**ମୁଦ୍ରଣ:**

ଶ୍ରୀନିବାସ ମିଡିଆ

ଟେମ୍ପଲ ରୋଡ଼

ଭୁବନେଶ୍ୱର-୭୫୧୦୦୨

**ପ୍ରଣାମୀ : ଅଶୀଟଙ୍କା ମାତ୍ର**

**PRANATI SATAKA**

Volume-I, II, III combined

***Written by :***
Shree Gurudas

Published & © reserved by :
Nilachala Saraswata Sangha,
Puri

***Editions :***
First - 1972, Second-1985
Third - 1990, Fourth - 2017

***Available at :*** Satsikhya Mandir
A/4, Unit - IX, Bhubaneswar-751022
Phone: 2390055

***Printed at :*** Srinibash Media
Temple Road, Bhubaneswar-2

Price : Rupees Eighty Only




## ପ୍ରଣତି ଶତକ (ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଉଚ୍ଛ୍ୱାସ ଏକତ୍ର)

### ବର୍ଣ୍ଣାନୁକ୍ରମିକ ସୂଚୀ


| କ୍ରମ | ବିଷୟ | ପୃଷ୍ଠା |
|---|---|---|
| ◆ | ପ୍ରଥମ ଉଚ୍ଛ୍ୱାସ ତୃତୀୟ ସଂସ୍କରଣର ମୁଖବନ୍ଧ | ୨୫ |
| ◆ | ପ୍ରଥମ ଉଚ୍ଛ୍ୱାସ ପ୍ରଥମ ସଂସ୍କରଣର ସୂଚନା | ୨୯ |
| ◆ | ଦ୍ୱିତୀୟ ଉଚ୍ଛ୍ୱାସ ଦ୍ୱିତୀୟ ସଂସ୍କରଣର ମୁଖବନ୍ଧ | ୧୬୫ |
| ◆ | ଦ୍ୱିତୀୟ ଉଚ୍ଛ୍ୱାସ ପ୍ରଥମ ସଂସ୍କରଣର ସୂଚନା | ୧୬୮ |
| ◆ | ତୃତୀୟ ଉଚ୍ଛ୍ୱାସ ତୃତୀୟ ସଂସ୍କରଣର ମୁଖବନ୍ଧ | ୩୧୩ |
| ◆ | ତୃତୀୟ ଉଚ୍ଛ୍ୱାସ ପ୍ରଥମ ସଂସ୍କରଣର ସୂଚନା | ୩୧୫ |
| | **ଜାଗରଣ** | |
| ୧/୧। | 'ଜୟଗୁରୁ' ବୋଲି ଜାଗ ଜଗଜ୍ଜନ | ୩୭ |
| ୧/୨। | ନିଦ ଭାଙ୍ଗ, ରାତି ତ ଆସେ ପାହି ରେ | ୩୮ |
| ୧/୩। | ଜାଗ ରେ, ଜାଗ ରେ, ଜାଗ ରେ ! | ୩୯ |
| ୧/୪। | ନବ ରବି ଆସେ ଉଇଁ | ୪୦ |
| ୧/୫। | କେତେ ଘୁମାଇଛୁ ବାଉଳା ରେ ! ଉଠ | ୪୧ |
| ୧/୬। | କେତେ ରହିଛୁ ଆଉ ଘୁମାଇଁ | ୪୨ |
| ୧/୭। | ବାଉଳା ! ଅଳସ ପହୁଡ ତେଜ | ୪୩ |
| ୧/୮। | ଘୁମାଇଁ ନ ରହ ଏଇ ମଧୁ ପରଭାତେ | ୪୪ |
| ୧/୯। | ଅବୋଧ ରେ ଆଖି ମେଲି ତୁ ଅନାଅଁ | ୪୫ |
| ୧/୧୦। | ଭିଖାରୀ ରେ ! ଜାଗ, ଗଡିଯାଏ କାଳ | ୪୫ |
| ୨/୧ । | ନିଦ ଭାଙ୍ଗ, ରାତି ତ ହେଲା ପାହାନ୍ତି | ୧୭୫ |
| ୨/୨ । | 'ଜୟଗୁରୁ' ବୋଲି ଗାଅ କଣ୍ଠ ମେଲି | ୧୭୬ |
| ୨/୩ । | ଆଉ କେତେ କାଳ ଥିବୁ ଘୁମାଇଁ ରେ | ୧୭୭ |

୨/୪। ଆଜି ଏ ଶୁଭ ପ୍ରଭାତେ, କଣ୍ଠ ଭରି ୧୭୮
୨/୫। ଆସି ଅରୁଣ ପୂରୁବେ ଉଇଁଲା ୧୭୯
୨/୬। ଅମାନିଶି ହେଲା ପରଭାତ ୧୮୦
୨/୭। ନିଶି ହେଲାଣି ପାହାନ୍ତି, ଜାଗ ଜଗଦ୍‌ବାସୀ ୧୮୧
୨/୮। ଜାଗ ରେ! ଅମୃତ ସନ୍ତାନ ଜାଗ ୧୮୨
୨/୯। ଜଗାଅ ରେ, ଗଗନ, ଭୁବନ, ପବନ ୧୮୩
୨/୧୦। ମିଛେ ନ ରହ ଆଉ ଘୁମାଇଁ ୧୮୪

**ପ୍ରତୀକ୍ଷା**

୧/୧। ସତେ ଆସିବ କି ହେ ଠାକୁର! ୪୯
୧/୨। ମୁଁ ଯେ ଖୋଜି ବୁଲେ ନଶିଦିନ ୫୦
୧/୩। ଆଖିପାଣି ଆଖି କୋଣରେ ମାରି ମୁଁ ୫୧
୧/୪। ସଜାଡ ଯତନେ ମରମ-ଆସନ ୫୨
୧/୫। ମନ-ପୂଜା ତୋର ବିଫଳେ ନ ଯିବ ୫୩
୧/୬। ମିଳନ-ମନ୍ଦିରେ ମୋର ୫୪
୧/୭। ଚାହିଁ ରହିଛି, ଚାହିଁ ରହିଛି, ସେ ଦିନକୁ ୫୫
୧/୮। ଦେବତା! ତୁମରି ଚରଣ ତଳରେ ମିନତି ୫୬
୧/୯। ବୃନ୍ଦାବନେ ଯିବି କାହିଁକି? ୫୭
୧/୧୦। ଲିଭି ଲିଭି ଆସେ ଯେବେ ଜୀବନର ଦୀପଶିଖା ୫୮
୩/୧। ମନୁଆଁ ଜୀବ ପଛେ ଗଲେ ଯିବ ୩୨୫
୩/୨। ନିରତ ନୟନ ଖୋଜେ ସେ ରତନ ୩୨୬
୩/୩। ପ୍ରିୟତମ ହେ! ଆଖିର ଅଦେଖା ମୋର ୩୨୭
୩/୪। ଚାହିଁ ରହିଛି ବେନି ନୟନ ୩୨୮
୩/୫। ଦରଶନ ଦିଅ ଦେବ! ଦରଶନ ଦିଅ ୩୨୯
୩/୬। ବିଜେ ପଥ ଚାହିଁ ରହିଛି ଅନାଇଁ ୩୩୦
୩/୭। ମହା-ମନ୍ଦିର ଚାରୁ ତୋରଣରେ ୩୩୧



୩/୮। ରତନ ପଲଙ୍କ ଶେଯାଇ ମନ ତୁ ୩୩୨
୩/୯। ବିଜେ କର କରୁଣା-ନିଧାନ ୩୩୩
୩/୧୦। ପଖାଳିବି ବୋଲି ଚରଣ ଯୁଗଳ ୩୩୪

**ଆବାହନ**

୧/୧। ସପନୁ ଚେତି ମୁଁ ଖୋଜିଲି ସେଦିନ ୬୧
୧/୨। ଅରୁଣ ରଥରେ ବିଜେ କର ହେ ମହାନ ୬୨
୧/୩। କାତର ପରାଣେ ସନ୍ତାନ ଡାକେ ୬୩
୧/୪। ପ୍ରଣତି ଚରଣେ ଘେନ ଜଗତ-ବନ୍ଦନ! ୬୪
୧/୫। ହେ ନରଦେବତା! ଆସ ୬୬
୧/୬। ଅନ୍ଧାର ଏ ମୋ କୁଟୀର ଦୁଆରେ ୬୭
୧/୭। ବିଜେ କର ଆଜି ଠାକୁର ୬୮
୧/୮। ଜଣାଏଁ ପଦେ ଯୋଡି କର, କରୁଣା କର ୬୯
୧/୯। ତୁମେ ନା ସେଦିନ କହିଥିଲ ମୋତେ ୭୦
୧/୧୦। ଅବୋଲର ବୋଲ ନ ଶୁଣିବୁ ତୁ କି ମାଆ! ୭୧

**ଉଦ୍‌ବୋଧନ**

୨/୧। ଆସ ରେ ସରବେ କଣ୍ଠ ମିଳାଇ ୨୦୧
୨/୨। ଆସ, ଆସ, ଆସ ଉଛୁର ନ କରି ଆସ ରେ ୨୦୨
୨/୩। ଆସ ଯେତେ ଯହିଁ ଭକତ-ମଣ୍ଡଳୀ ୨୦୩
୨/୪। ଅନା ଫେରି ରେ ୨୦୪
୨/୫। କଣ୍ଠ ମିଳାଇ ଆସ ରେ ସରବେ ୨୦୫
୨/୬। ଚାଲ ଯିବା ସଭିଏଁ ଗୁରୁ ଦୁଆରେ ୨୦୬
୨/୭। ପ୍ରିୟତମ ଡାକ ଶୁଭେ ତ ଆଜି ରେ ୨୦୭
୨/୮। ଆମେ ସବୁ ଆଜି ଏକାଠି ହୋଇଛେ ୨୦୮
୨/୯। ଆସ ଭକତ ଭଉଣୀ ଭାଇ! ୨୦୯

| | | |
|---|---|---|
| ୨/୧୦ । | ଶୁଭ ପ୍ରଭାତେ ନବ ରବି ପରକାଶ | ୨୧୦ |


## ବନ୍ଦନା

| | | |
|---|---|---|
| ୧/୧। | ମନ ରେ! ବନ୍ଦନ କର ତୁ ଅବିରତ | ୮୭ |
| ୧/୨। | ଜୟ, ଜୟଗୁରୁ ଜଗଜ୍ଜନ ବନ୍ଦନ ହେ | ୮୮ |
| ୧/୩। | ଗଙ୍ଗା-ତରଙ୍ଗରେ ଧଉତ | ୮୯ |
| ୧/୪। | ଶ୍ରୀଗୁରୁ ନାମ ତୁ ସୁମରଣ କର କର ଭୁଲା ମନ | ୯୦ |
| ୧/୫। | ବରଣ କରି ଶଙ୍କର ଚରଣ ତଳେ ଶରଣ ମାଗେ | ୯୧ |
| ୧/୬। | ଖୋଜିହେଲି ଏ ସାରା ସଂସାର | ୯୨ |
| ୧/୭। | ଅନ୍ତର ରାଇଜେ ତୁମେ ନିତ୍ୟ ବିରାଜିତ | ୯୩ |
| ୧/୮। | ନନ୍ଦନବନ ପାରିଜାତ ତୁମେ, ବନ୍ଦନ ମୋର | ୯୪ |
| ୧/୯। | ନାହିଁ ନନ୍ଦନବନର ସୁମନ | ୯୫ |
| ୧/୧୦। | ମୋକ୍ଷ ମୋହର ଲକ୍ଷ୍ୟ ନୁହଁଇ ଗୁରୁ! | ୯୬ |
| ୩/ ୧ । | ଗଉରୀ-ମୁଖ-ପଙ୍କଜ ସୂର୍ଯ୍ୟକର | ୩୩୭ |
| ୩/ ୨ । | ସ୍ମର ହର! ଘେନ ପ୍ରଣତି ମୋର | ୩୩୮ |
| ୩/୩ । | ଯୁଗେ ଯୁଗେ ତୁମେ ନିଗମାନନ୍ଦ! | ୩୩୯ |
| ୩/ ୪ । | ନାରାୟଣ! ଘେନ ବନ୍ଦନ | ୩୪୦ |
| ୩/ ୫ । | ଦିନ ଯାଉ ସେ ଚରଣ ବନ୍ଦି ହେ | ୩୪୧ |
| ୩/ ୬ । | ତୁମେ ହେ ଗଉରୀ ଶ୍ରୀଅଙ୍ଗ-ସଂଗତି | ୩୪୨ |
| ୩/ ୭ । | ସଗୁଣ ହୋଇ ଯେ ଗୁଣ-ଅତୀତ | ୩୪୩ |
| ୩/ ୮ । | ଜଗତ ସୃଷ୍ଟି କାରଣ | ୩୪୪ |
| ୩/ ୯ । | ଅଧିପତି ଯେ ଭୂତମାନଙ୍କର | ୩୪୫ |
| ୩/ ୧୦ । | ବଚନ, ମନନ ହାରେ ଯେ ରୂପ କଳ୍ପନେ | ୩୪୬ |


## ପ୍ରାର୍ଥନା

| | | |
|---|---|---|
| ୨/ ୧ । | ଦୀନବନ୍ଧୁ! ବୁକୁ ମୋର ଥର ଥର | ୨୧୩ |
| ୨/ ୨ । | ଗୁରୁଦେବ! ଏତେ ମିନତି ଘେନ | ୨୧୪ |




| | | |
|---|---|---|
| ୨/୩ । | ବିରହ ଅନଳେ ଦହନ ମନାସେ | ୨୧୬ |
| ୨/୪ । | ନାହିଁ ଆନ ଶରଣ ଅଗତିର ତାରଣ | ୨୧୭ |
| ୨/୫ । | ଦୀନବନ୍ଧୁ ନାମ ଯେବେ ବହିଛ | ୨୧୮ |
| ୨/୬ । | ଆଶ ମୋର ଯେତେ ଶେଷ ହେଲେ ସତେ | ୨୧୯ |
| ୨/୭ । | ତବ ନାମ ମାନସ ମୋହନ ହେ | ୨୨୦ |
| ୨/୮ । | ସେ ଚରଣ ତଳେ ଆଜି ମାଗେ ଶରଣ | ୨୨୧ |
| ୨/୯ । | ଜଣାଉଛି ଆହେ ପ୍ରିୟ ମୋର | ୨୨୨ |
| ୨/୧୦ । | ଜୟ ଜୟ ଶ୍ରୀଗୁରୁ କରୁଣାମୟ ହେ | ୨୨୩ |
| ୩/ ୧ । | ଦୟାନିଧି! ଦୟା କର | ୩୪୯ |
| ୩/୩/ । | ତୁମେ ଯେବେ ବନ୍ଧୁ! କରିବ ଗୋ ସାତପର | ୩୫୦ |
| ୩/୩ । | ଅନାଥ ଜନେ ଅନାଅ ଥରେ ହେଲେ ଫେରି | ୩୫୧ |
| ୩/୪ | ଆନେ ମୋର ମନ ନାହିଁ, କରୁଣା କର | ୩୫୨ |
| ୩/ ୫ । | ଠାକୁର ହେ! ଦରିଆର ବାଲି ସତେ | ୩୫୩ |
| ୩/ ୬ । | ମୋର ବୋଲି ଯା'ରେ ଆଦର କରିବି | ୩୫୫ |
| ୩/ ୭ । | ବାରିଲି, ବାରିଲି ଏବେ ଜୀବଧନ! | ୩୫୬ |
| ୩/ ୮ । | ଦୀନନାଥ! ମାଗୁନାହିଁ କିଛି ଆଉ | ୩୫୭ |
| ୩/ ୯ । | ପରାଣ ବନ୍ଧୁଆ! ତୁମଠାରୁ ବଳି | ୩୫୮ |
| ୩/ ୧୦ । | ମନେ ମୋର ଚିର ଜାଗେ ହେ ଠାକୁର! | ୩୬୦ |


## ପ୍ରଣତି

| | | |
|---|---|---|
| ୧/୧। | ନଝୁମ ନିଦରେ ଶୋଇ ପଡିଥିଲି | ୭୫ |
| ୧/୨। | କି ଦେଇ ପୂଜିବି କହ? | ୭୬ |
| ୧/୩। | ତୁମେ ହେ ଜାଳିଛ ମୁକ୍ତି ମଶାଲ | ୬୭ |
| ୧/୪। | ତୁମେ, ଜୀବନର ଧନ ମୋର | ୭୮ |
| ୧/୫। | ଦେଇ କି ଧନ, ତୋଷିବି ମନ? | ୭୯ |

୨/୧୦ ।ଶୁଭ ପ୍ରଭାତେ ନବ ରବି ପରକାଶ ୨୧୦

## ବନ୍ଦନା

୧/୧। ମନ ରେ! ବନ୍ଦନ କର ତୁ ଅବିରତ ୮୭
୧/୨। ଜୟ, ଜୟଗୁରୁ ଜଗଜ୍ଜନ ବନ୍ଦନ ହେ ୮୮
୧/୩। ଗଙ୍ଗା-ତରଙ୍ଗରେ ଧଉତ ୮୯
୧/୪। ଶ୍ରୀଗୁରୁ ନାମ ତୁ ସୁମରଣ କର କର ଭୁଲା ମନ ୯୦
୧/୫। ବରଣ କରି ଶଙ୍କର ଚରଣ ତଳେ ଶରଣ ମାଗେ ୯୧
୧/୬। ଖୋଜିହେଲି ଏ ସାରା ସଂସାର ୯୨
୧/୭। ଅନ୍ତର ରାଇଜେ ତୁମେ ନିତ୍ୟ ବିରାଜିତ ୯୩
୧/୮। ନନ୍ଦନବନ ପାରିଜାତ ତୁମେ, ବନ୍ଦନ ମୋର ୯୪
୧/୯। ନାହିଁ ନନ୍ଦନବନର ସୁମନ ୯୫
୧/୧୦। ମୋକ୍ଷ ମୋହର ଲକ୍ଷ୍ୟ ନୁହଁଇ ଗୁରୁ! ୯୬
୩/୧ । ଗଉରୀ-ମୁଖ-ପଙ୍କଜ ସୂର୍ଯ୍ୟକର ୩୩୭
୩/୨ । ସ୍ମର ହର! ଘେନ ପ୍ରଣତି ମୋର ୩୩୮
୩/୩ । ଯୁଗେ ଯୁଗେ ତୁମେ ନିଗମାନନ୍ଦ! ୩୩୯
୩/୪ । ନାରାୟଣ! ଘେନ ବନ୍ଦନ ୩୪୦
୩/୫ । ଦିନ ଯାଉ ସେ ଚରଣ ବନ୍ଦି ହେ ୩୪୧
୩/୬ । ତୁମେ ହେ ଗଉରୀ ଶ୍ରୀଅଙ୍ଗ-ସଂଗତି ୩୪୨
୩/୭ । ସଗୁଣ ହୋଇ ଯେ ଗୁଣ-ଅତୀତ ୩୪୩
୩/୮ । ଜଗତ ସୃଷ୍ଟି କାରଣ ୩୪୪
୩/୯ । ଅଧିପତି ଯେ ଭୂତମାନଙ୍କର ୩୪୫
୩/୧୦ ।ବଚନ, ମନନ ହାରେ ଯେ ରୂପ କଳ୍ପନେ ୩୪୬

## ପ୍ରାର୍ଥନା

୨/୧ । ଦୀନବନ୍ଧୁ! ବୁକୁ ମୋର ଥର ଥର ୨୧୩
୨/୨ । ଗୁରୁଦେବ! ଏତେ ମିନତି ଘେନ ୨୧୪



୨/୩ । ବିରହ ଅନଳେ ଦହନ ମନାସେ ୨୧୬
୨/୪ । ନାହିଁ ଆନ ଶରଣ ଅଗତିର ତାରଣ ୨୧୭
୨/୫ । ଦୀନବନ୍ଧୁ ନାମ ଯେବେ ବହିଛ ୨୧୮
୨/୬ । ଆଶ ମୋର ଯେତେ ଶେଷ ହେଲେ ସତେ ୨୧୯
୨/୭ । ତବ ନାମ ମାନସ ମୋହନ ହେ ୨୨୦
୨/୮ । ସେ ଚରଣ ତଳେ ଆଜି ମାଗେ ଶରଣ ୨୨୧
୨/୯ । ଜଣାଉଛି ଆହେ ପ୍ରିୟ ମୋର ୨୨୨
୨/୧୦ ।ଜୟ ଜୟ ଶ୍ରୀଗୁରୁ କରୁଣାମୟ ହେ ୨୨୩
୩/୧ । ଦୟାନିଧି! ଦୟା କର ୩୪୯
୩/୩/ । ତୁମେ ଯେବେ ବନ୍ଧୁ! କରିବ ଗୋ ସାତପର ୩୫୦
୩/୩ । ଅନାଥ ଜନେ ଅନାଥ ଥରେ ହେଲେ ଫେରି ୩୫୧
୩/୪ ଆନେ ମୋର ମନ ନାହିଁ, କରୁଣା କର ୩୫୨
୩/୫ । ଠାକୁର ହେ! ଦରିଆର ବାଲି ସତେ ୩୫୩
୩/୬ । ମୋର ବୋଲି ଯା'ରେ ଆଦର କରିବି ୩୫୫
୩/୭ । ବାରିଲି, ବାରିଲି ଏବେ ଜୀବଧନ! ୩୫୬
୩/୮ । ଦୀନନାଥ! ମାଗୁନାହିଁ କିଛି ଆଉ ୩୫୭
୩/୯ । ପରାଣ ବନ୍ଧୁଆ! ତୁମଠାରୁ ବଳି ୩୫୮
୩/୧୦ । ମନେ ମୋର ଚିର ଜାଗେ ହେ ଠାକୁର! ୩୬୦

## ପ୍ରଣତି

୧/୧। ନଝୁମ ନିଦରେ ଶୋଇ ପଡିଥିଲି ୭୫
୧/୨। କି ଦେଇ ପୂଜିବି କହ? ୭୬
୧/୩। ତୁମେ ହେ ଜାଳିଛ ମୁକ୍ତି ମଶାଲ ୭୭
୧/୪। ତୁମେ, ଜୀବନର ଧନ ମୋର ୭୮
୧/୫। ଦେଇ କି ଧନ, ତୋଷିବି ମନ? ୭୯

| | | |
|---|---|---|
| ୧/୬। | ଜ୍ଞାନ-ବୁଦ୍ଧି ପ୍ରଦାୟକ, ଶକତି-ବିଧାତା | ୮୦ |
| ୧/୭। | ଅଗତିର ଗତି ଅନାଥ-ନାଥ | ୮୧ |
| ୧/୮। | ସଂସାରେ ମୋହର କିଛି ନାହିଁ ସିନା ଧନ | ୮୨ |
| ୧/୯। | ଜୀବନ, ଜନମ ତୁମେ ସବୁ ତ ଦେଇଛ | ୮୩ |
| ୧/୧୦। | ବିଶାଳ ମଝିରେ ମହା ସମାଧିରେ | ୮୪ |


**ଅଭିଳାଷ**


| | | |
|---|---|---|
| ୨/୧। | କେଡ଼େ ଭାଗ୍ୟ ସତେ କାହିଁ ପ୍ରିୟ ମୋର | ୧୮୭ |
| ୨/୨। | କେବେ ସେ ଦିନ ସତେ ଆସିବ ରେ ? | ୧୮୮ |
| ୨/୩। | ନିରାଶ ନ କର ଆଜି ଦୟାଳୁ ଠାକୁର ହେ! | ୧୮୯ |
| ୨/୪। | ଜୀବନରେ ଖାଲି ଚାହୁଁ ତ ନାହିଁ ମୁଁ ମରଣେ | ୧୯୦ |
| ୨/୫। | କେ ଜାଣେ ଏ ବେଳ ଆଉ | ୧୯୧ |
| ୨/୬। | ଘେରାଇ ଦେଲେ ଦିଅ, ଦୁଃଖର ଅମାଘନ | ୧୯୨ |
| ୨/୭। | ତୁମ ବିନେ ହେ ଗୋସାଇଁ | ୧୯୩ |
| ୨/୮। | ଜୀବନେ ଆସିବ କେବେ ସେ ଦିନ ରେ ? | ୧୯୫ |
| ୨/୯। | ଟାକି ରହିଛି ରେ ସେ ଦିନକୁ ପୋଡ଼ା ଆଖି | ୧୯୬ |
| ୨/୧୦। | ନାଥ! ମନର ବାସନା ମୋର | ୧୯୭ |
| ୩/୧। | ମନ-କଥା ମୋର ଶୁଣ ମନଚୋର | ୩୬୩ |
| ୩/୨। | ଫୁଲ-ସଞ୍ଜବେଳେ ବାହୁଡ଼ିବି ଯେବେ | ୩୬୪ |
| ୩/୩। | କହ ଜୀବଧନ, କେବେ ଆସିବ ସେ ଦିନ | ୩୬୫ |
| ୩/୪। | ମୁଁ ଚାହେଁ ପ୍ରଭୁ! ଭେଟିବି ତୁମକୁ | ୩୬୭ |
| ୩/୫। | ଚିର ମନ ବାସନା ମୋର | ୩୬୮ |
| ୩/୬। | ଚାହେଁ ମନ ମୋର, ଗାଆନ୍ତି ମୁଁ ନିଶିଦିନ | ୩୬୯ |
| ୩/୭। | (ନାଥ) ତୁମକୁ ଦେଖିବା ପାଇଁ | ୩୭୦ |
| ୩/୮। | ବସ ହୃଦ-ସିଂହାସନେ ଦେବତା ମୋର | ୩୭୧ |





| | | |
|---|---|---|
| ୩/୯। | ଗୋପନ-ମନର କଥା ଆଜି ପ୍ରିୟ! | ୩୭୨ |
| ୩/୧୦। | ସତେ କି ମୋ ପୂରିବ ଆଶା | ୩୭୩ |


**ନିବେଦନ**


| | | |
|---|---|---|
| ୧/୧। | ହେ ଦେବତା! ଏତିକି ମାଗୁଣି ଖାଲି | ୧୩୭ |
| ୧/୨। | (ମୋତେ) ସେ ରୂପେ ଦିଅ ଦରଶନ | ୧୩୮ |
| ୧/୩। | ବିତୁ ନିଶିଦିନ ସେବାରେ ତୁମର | ୧୩୯ |
| ୧/୪। | ଏତେ ଦିନେ କି ହେ ବନ୍ଧୁ! ପଡିଲା ମନେ | ୧୪୦ |
| ୧/୫। | ଶୟନେ, ସ୍ୱପନେ, ଜୀବନେ, ମରଣେ | ୧୪୧ |
| ୧/୬। | ମରମ ମଝିରେ ବିରାଜିତ ତୁମେ | ୧୪୨ |
| ୧/୭। | ମାଗୁଣି ଏତେ ମାତର | ୧୪୩ |
| ୧/୮। | ଚରଣେ ଶରଣ ଦିଅ ପତିତପାବନ | ୧୪୪ |
| ୧/୯। | କେବେ ଆସିବ ସେ ଦିନ | ୧୪୫ |
| ୧/୧୦। | କାମନା, ବାସନା ସାରା ଜୀବନର | ୧୪୬ |
| ୨/୧। | ମୋର ମନର ଗୁହାରି ଶୁଣ ଜଗତ-ଜୀବନ! | ୨୨୭ |
| ୨/୨। | ଭିଖ ଦିଅ, ଭିଖ ଦିଅ, ଭିଖାରୀରେ ଭିଖ ଦିଅ | ୨୨୮ |
| ୨/୩। | ଏତିକି ମାଗୁଣି ଖାଲି | ୨୩୦ |
| ୨/୪। | କେତେ ଦିନେ ଘୁଞ୍ଚିବ ଏ ମାୟା-ମୋହ ଘୋର | ୨୩୧ |
| ୨/୫। | ମୋର ପଦେ ଖାଲି ପଦରେ ଗୁହାରି | ୨୩୨ |
| ୨/୬। | ପଦେ ମୋ ଗୁହାରି ଘେନ ମାଗୁନାହିଁ ଧନଜନ | ୨୩୩ |
| ୨/୭। | ଭିଖ ଥାଳି କରେ ଧରି ଆସିଛି ଦୀନ ଭିଖାରୀ | ୨୩୪ |
| ୨/୮। | ଦୟାନିଧି ହେ! ମନ ଗୁହାରି ଘେନ | ୨୩୫ |
| ୨/୯। | ଚରଣେ ପ୍ରଣତି ଘେନ ମାନସ ମୋହନ ହେ! | ୨୩୬ |
| ୨/୧୦। | ମନର ଠାକୁର! ଆଜି ମନ କଥା ଘେନାକର | ୨୩୭ |

## ମିନତି


୩/ ୧ । ପ୍ରାଣବନ୍ଧୁ! ପଣ ମୋର ଶୁଣ ଥରେ ୩୭୭
୩/ ୨ । ବିପଦ ଭଞ୍ଜନ ଆହେ ନାରାୟଣ ୩୭୮
୩/ ୩ । ତୁମେ ଏକା ପରା ନିଜର ମୋର ୩୭୯
୩/ ୪ । ସେଇ କଜଳ ଘେନାଇ ଦିଅ, ନୟନେ ମୋର ୩୮୦
୩/ ୫ । ରଙ୍ଗ-ଚରଣ ତଳରେ ତ ଠାକୁର! ୩୮୧
୩/ ୬ । ତୁମେ ଜାଣିଛନା ମୋର ମନ, ଜୀବଧନ! ୩୮୨
୩/ ୭ । ମନରେ ଆନ ଆଶା ନାହିଁ ମୋର ୩୮୩
୩/ ୮ । ମନ-ନିବେଦନ ଘେନ ଗୁରୁଦେବ ନାରାୟଣ ୩୮୪
୩/ ୯ । ପ୍ରଭୁ ହେ! ତୁମେ ପରା କରୁଣା-ନିଧାନ? ୩୮୫
୩/ ୧୦ ।ନିବେଦନ ଘେନାକର, ଜୟ ଗୁରୁଦେବ ୩୮୬


## ନାମ-ମାହାତ୍ମ୍ୟ


୨/ ୧ । ଡରି ମରୁ କାହିଁକି ରେ ବାଉଳା ମନ ୨୭୧
୨/ ୨ । ହରି ବୋଲ ମନ ବୋଲ ହରି ୨୭୨
୨/ ୩ । ଗୁରୁନାମ ରଟ ରେ ମନ ୨୭୩
୨/ ୪ । 'ଜୟଗୁରୁ' 'ଜୟଗୁରୁ' ନାମ ଗାଅ ୨୭୪
୨/ ୫ । ମନ 'ଜୟଗୁରୁ' 'ଜୟଗୁରୁ' ବୋଲ ୨୭୫
୨/ ୬ । ଗୁରୁ ନାମ ଗାଇ ମନ ତାଳେ ତାଳେ ୨୭୬
୨/ ୭ । ନାମ ଭଜନ କର ମନ ୨୭୭
୨/ ୮ । କିଏ ନେବ ରେ ସୁଧା ନାମ-ରସ, ଆସ ୨୭୮
୨/ ୯ । ଜାଣି ନ ଥିଲି ମୁହିଁ ତ ନାମଟି ଏଡେ ମଧୁର ୨୭୯
୨/ ୧୦ ।କର ମନ, ନାମ ରତନ କଣ୍ଠ ହାର ୨୮୦
୩/ ୧ । ଆକୁଳ ଅନ୍ତରେ ମନ ଗୁରୁ-ନାମ ଜପ ରେ ୪୩୧





୩/ ୨ । ବୋଲ 'ଜୟଗୁରୁ' ମୁଖେ ବୋଲ ରେ ୪୩୨
୩/ ୩ । ଆସ ଭାଇ! ତେଜ ମନ ଭାବନା ୪୩୩
୩/ ୪ । ସେଇ ଏକା ସାଥୀ ମୋର ୪୩୪
୩/ ୫ । ବୋଲ 'ଜୟଗୁରୁ' ବୋଲ ୪୩୫
୩/ ୬ । ମନ ରେ! ଗୁରୁ ନାମ କର ତୁହି ସାର ୪୩୬
୩/ ୭ । ଗୁରୁନାମ ଗାନ କର ମନବାଇ ୪୩୮
୩/ ୮ । ଗୁରୁନାମ-ସାଗର ବାରି ରେ ବୁଡ଼ି ରହ ମନ ୪୩୯
୩/ ୯ । କି ମଧୁର ସତେ ଗୁରୁ ନାମଟି ୪୪୦
୩/ ୧୦ । କଣ୍ଠ ଭରି ତୁ କର ଗୁରୁନାମ ଗାୟନ ୪୪୧


## ଆତ୍ମଚିନ୍ତା


୩/ ୧ । ଅରୂପ ମଝିରେ ସ୍ୱରୂପର ପରକାଶ ୪୧୭
୩/ ୨ । ମନ ରେ! ଚିନ୍ତାମଣି ଚିନ୍ତା କର ୪୧୮
୩/ ୩ । କାଙ୍ଗାଳ ବୋଲି ତୁ ସତେ କାହିଁକି ବିଚାରୁ ୪୧୯
୩/ ୪ । ଆସ, ଆସ, ଆସ ରେ ଭାଇ, ଗୁରୁ ଦରଶନ ୪୨୦
୩/ ୫ । ମନୁଆଁ! ହେତୁ ରଖ ଅନୁଦିନେ ୪୨୧
୩/ ୬ । ହୋଇ ବିଷୟର କୀଟ ୪୨୩
୩/ ୭ । ଅକୂଳ-ଅଥଳ ଭବ-ପାରାବାରେ ବସି ୪୨୪
୩/ ୮ । ନ ଥିଲେ ନ ଥାଉ ଆରେ ମନବାଇ! ୪୨୬
୩/ ୯ । କାହାକୁ ତାହାର ଡର ଏ ମହୀମଣ୍ଡଳେ ୪୨୭
୩/ ୧୦ । ମନ ସେଦିନ କଥା ଥରେ ବିଚାର କର ୪୨୮


## ଆତ୍ମାନୁଚିନ୍ତା


୨/ ୧ । ମନୁଆଁ! ବିଚାର ତ ନ କଲୁ ତୁ ଦିନେ ୨୮୩
୨/ ୨ । ଆଖି ଆଗେ ବଢି ନଈ ୨୮୪
୨/ ୩ । ଚରଣ ତଳେ ତବ ଶରଣ ମାଗେ ନିତି ୨୮୫

୨/୪ । ଆପଣାର କରି କିଏ ସେ ଚାହିଁବ ମୋତେ ୨୮୬
୨/୫ । ବାଉଳା ମନ, ଏଣେ ତେଣେ ବୁଲୁ ଅକାରଣ ୨୮୭
୨/୬ । ମରମ ବେଦୀରେ ତୋର ଆଉ ଜଣେ ୨୮୮
୨/୭ । ଅଚିହ୍ନା ଜଣକ କିଏ ? ୨୮୯
୨/୮ । ଏ ବାଉଳା! ଚିହ୍ନି ରଖ ଅନାଥର ସେ ୨୯୦
୨/୯ । ବିଚାରୁ ତୁ ବଇରାଗୀ ହେବୁ ୨୯୧
୨/୧୦ । କଥା ଦେଇ, ଦେଉଛୁ ପାସୋରି ୨୯୨


## ମହିମାଗାନ


୧/୧ । ପ୍ରଭୁ ହେ ତୁମର ମହିମା ମାନ ୯୯
୧/୨ । କାତର ପରାଣେ ଡାକିଲେ ହେ ଦୟାମୟ ! ୧୦୦
୧/୩ । ହୃଦୟ-କମଳ ଆସନ ପାତି ୧୦୧
୧/୪ । ସୁଠାମ, ସୁନ୍ଦର ଶ୍ରୀମୁଖ ଯା'ର ୧୦୩
୧/୫ । କିଏ ଜାଣେ ସେ କିଭଳି ଜଣେ ୧୦୬
୧/୬ । ମିଛେ ମିଛେ ଘୂରି ମରେ ମୁଁ ସିନା ୧୦୬
୧/୭ । ସୁଆଦ ତା'ର କେ ବାରିପାରେ ୧୦୭
୧/୮ । ଅନ୍ତରେ ତା'ର ରୂପ ପରକାଶେ ୧୦୮
୧/୯ । ପ୍ରଭୁ! କେତେ ସୁଖପାଅ ସତେ ! ୧୦୯
୧/୧୦ । କି ଦେଇ ପୂଜିବ କହ ୧୧୦
୨/୧ । କହ ବନ୍ଧୁ! ମୋତେ ସତେ କେତେ ସୁଖ ପାଅ ୨୫୫
୨/୨ । ଡର କାହିଁକି ରେ କରୁଥାଉ ଶମନରେ ୨୫୬
୨/୩ । ମନ ଭ୍ରମରାରେ, ମନ ଭ୍ରମରା ୨୫୭
୨/୪ । ଚିହ୍ନାଜଣା କଲପନାର ତ ତୁମେ ବାହାର ୨୫୯
୨/୫ । ଯେ ଦିନୁ ଦେଇଛି ସମ୍ପି ତୁମ ପଦେ ମନ ୨୬୧
୨/୬ । ଗୁରୁ ଏକା ପତିତପାବନ ୨୬୩





୨/୭ । ଏ କି ଦେଖିଲା ଆଖି ୨୬୪
୨/୮ ତୁମ ସମାନ କେହି ନାହିଁ, ନାହିଁ ତ ୨୬୫
୨/୯ । ଗୁରୁ ପଦ ରାଜୀବ, ସେବରେ ମୂରୁଖ ଜୀବ ୨୬୬
୨/୧୦ । ଯହିଁକି ଯା' ସାଜେ ଭଲ ୨୬୭
୩/୧ । ପାଦତଳେ ତା'ର ବସି ମନ କଲେ ୩୮୯
୩/୨ । ଜୀବନ ମଝିରେ ତୁମେ ଅଛ ଜାଗି ୩୯୦
୩/୩ । ମୋତେ ଚିହ୍ନା ଦିଅ ଆଜି ଠାକୁର ୩୯୧
୩/୪ । ସେ ହାତର କାରିଗରି ୩୯୨
୩/୫ । ପାରିଲି ଦୂରୁ ବାରି ରେ ୩୯୩
୩/୬ । ପ୍ରଣମେ ଚରଣେ ପିତା ! ୩୯୪
୩/୭ । ନ ମିଶିଲେ ବାରିବିନ୍ଦୁ କାହୁଁ ହେବ ସାଗର ୩୯୬
୩/୮ । ମନମୋହନ ! ତୁମେ ଏକା ଜୀବନ-ସାର ୩୯୭
୩/୯ । ନିଶିଦିନ ଭୁଲାମନ ଭୁଲେ ସେ ଚରଣ ୩୯୮
୩/୧୦ । ଗୁରୁ ଏକା ପତିତପାବନ ୩୯୯


## ମନଶିକ୍ଷା


୧/୧ । ଏ ନୟନ, ଅନା ଅନା ଭୁବନମୋହିନୀ ବାମା ୧୧୩
୧/୨ । ଭାସିଚାଲ ମନ ! ମହାକାଳର ତରଙ୍ଗେ ୧୧୪
୧/୩ । ଦେଖି କହିଲୁ କିଏ ସେ ତୋର ୧୧୫
୧/୪ । ମନ, ଜାଣୁ ଜାଣୁ ସିନା ତୁ ହେଉଛୁ ବାଇ ୧୧୬
୧/୫ । ମନ ରେ ! ଏ ବିଚାର କର ସାର ୧୧୭
୧/୬ । ବିବେକ-ଆଖି ତୁ ଖୋଲରେ ମନୁଆଁ ୧୧୮
୧/୭ । ସାରା ବଗିଚାଟି ଫୁଲଭରା ଦେଖି ୧୧୯
୧/୮ । ମଉଳା ଜୀବନ ବେଳେ ୧୨୦

୧/୯। ଗୁରୁନାମ ଜପ ରେ ବାଉଳା ମନ ୧୨୧
୧/୧୦। ପରମ ସାଧନ ଅଟେ ଗୃହସ୍ଥ ଧରମ ୧୨୨
୨/୧। ଗାଆ, କଣ୍ଠ ମିଳାଇ ଗାଆ ରେ ୨୪୧
୨/୨। ଥରେ ଆପଣାର ତା'ରେ କର ୨୪୨
୨/୩। ଭବ ଘନ-ଘୋର ଅନ୍ଧାର ୨୪୪
୨/୪। ଦେହ ପଞ୍ଜୁରୀରେ ମନ-ଶାରୀରେ ୨୪୫
୨/୫। ମିଛେ ବସି କାହିଁକି ତୁ ଭାବୁ ରେ ମନ! ୨୪୬
୨/୬। ରସନା! ଗୁରୁ ବିନେ ଆନେ ରସ ନା ୨୪୭
୨/୭। ଭୁଲା ମନ! ଥରେ ଅନା ଫେରାଇ ନୟନ ୨୪୮
୨/୮। ମାନ ମନ! ପୂଜ ତୁ ଶ୍ରୀଗୁରୁ ଚରଣ ରେ ୨୪୯
୨/୯। ଗୁରୁ ପଦେ ମାଗ ରେ ଯାଇ ୨୫୦
୨/୧୦। କି କରି ହେବୁ ରେ ପାରି ଭବ-ସାଗର ୨୫୧
୩/୧। ରସନା, ଶାନ୍ତି ଶାନ୍ତି ଶାନ୍ତି ବୋଲ ରେ ୪୦୩
୩/୨। ଆପଣାର ଆପେ ପାସୋରି ଯେବେ ନ ପାରୁ ୪୦୪
୩/୩। ମନବାଇ! ବିଚାର ମନରେ ତୁହି ୪୦୬
୩/୪। ମୁକତିର ଧାମ ଗମନେ ତୁ ମନ ୪୦୭
୩/୫। ଦିଅ ମନ ପ୍ରେମଧନ ଅରଜନରେ ୪୦୮
୩/୬। ଭୁଲା ମନ ରେ! ଭୁଲି ଅନ୍ତର ବନ୍ଧୁରେ ୪୦୯
୩/୭। ଡାକୁ ଡାକ, ଡାକୁ ଡାକ ରେ ମନବାଇ! ୪୧୦
୩/୮। ବାଉଳା ରେ କେତେ ଦିନକୁ ଏତେ ଚାତର? ୪୧୧
୩/୯। ଆଜି ରାତି ପାହି ହେବ କାଲି ସକାଳ ୪୧୨
୩/୧୦। କଥା ପଦେ ପଚାରୁଛି ଭାଇ! କାହିଁକି ବସିଛୁ ୪୧୩



## ମାତୃ ଜଣାଣ

୩/୧। ବତାଇ ଦିଅ ତୁ ଭକତି ପଥର ରାହା ୪୪୫
୩/୨। ଅନ୍ତରେ ତା'ର ରୂପ ପରକାଶେ ୪୪୬
୩/୩। ମାଗିବି ନାହିଁ ମୁଁ କିଛି ତୋ ଚରଣେ ୪୪୭
୩/୪। ସନ୍ତାନବତ୍ସଳା ଶ୍ୟାମା ମାଆ ମୋର ୪୪୮
୩/୫। ନୟନ ପୂରାଇ ଦେଖିବ କେ ଆସ ୪୪୯
୩/୬। ଦୟା କି ତୁ ଗଲୁ ଭୁଲି ୪୫୦
୩/୭। ଉଭା ହେବି ମାଆ! ମୁହିଁ କହ ଠାବ କାହିଁ? ୪୫୧
୩/୮। କରମେ ସତେ କି ସେଦିନ ହେବ? ୪୫୨
୩/୯। ଅଳି ପଦେ ଶୁଣ ମାଆ ଲୋ ମୋର ୪୫୩
୩/୧୦। ମନ କଥା ଶୁଣ ମୋର ମା'! ୪୫୫

## ଆକ୍ଷେପ

୨/୧। ଦିନେ ହେଲେ ଥରେ ମିଳନ ତୁମର ୨୯୫
୨/୨। କଳି ତ ନ ପାରେ, ସତେ ଦୀନବନ୍ଧୁ ୨୯୬
୨/୩। ଜନମୁଁ ମରଣ ଭଲ ୨୯୭
୨/୪। ଏ କି ବିପରୀତ, ବୁଦ୍ଧି ପାଉନାହିଁ ୨୯୮
୨/୫। ଦୀନବନ୍ଧୁ! ତୁମେ ତ ନ ଦିଅ ଧରା ୨୯୯
୨/୬। ପଚାରୁଛି ପଦେ କଥା ଶ୍ରୀଛାମୁରେ ୩୦୦
୨/୭। କି ଫଳ ସାଧନେ, କି ଫଳ ଭଜନେ ୩୦୧
୨/୮। ଦୟାସାଗର ବୋଲାଉଛ, କି କରି ୩୦୨
୨/୯। କାହିଁକି ଏ ଛଳ, କହ ପ୍ରିୟବର ୩୦୪
୨/୧୦। ଜଣାଉଛି ଯୋଡ଼ି କର ହେ ଠାକୁର! ୩୦୫

## ସମର୍ପଣ

୧/୧। ସମ୍ପି ଦେଉଛି ପଦ ତଳେ ଜୀବନ ୧୨୫
୧/୨। ମୁଁ ଯେ ତୁମରି ଏକା ହେ ସୁନ୍ଦର! ୧୨୬

୧/୩। ତୁ ଏକା ନାଉରୀଆ ଅଥଳ ନୀରେ ୧୨୭
୧/୪। ଭକତି-ତଟିନୀ-ଧାର ୧୨୮
୧/୫। ବନ-ଗମନ ଛାଡ଼ି ମୁଁ କରିବି ମନ-ଗମନ ୧୨୯
୧/୬। ସେ ଅଛନ୍ତି କି ନାହିଁ ଯେବେ ତୁ ଭାଳି ୧୩୦
୧/୭। ବନ୍ଧୁ! ତୁମେ ମୋର ପରାଣର ପ୍ରିୟ ୧୩୧
୧/୮। ବାଉଳା, ଥିବା ଯାଏ ଏ ଜୀବନ ୧୩୨
୧/୯। ଚରଣ ତଳରେ ତୋର ୧୩୩
୧/୧୦। ଅରପିଲି ତବ ଚରଣେ ପରାଣ ୧୩୪

**କ୍ଷମା ପ୍ରାର୍ଥନା**

୧/୧। ମନ-ମନ୍ଦିର ସପତ ଦୁଆର ୧୪୯
୧/୨। କ୍ଷମା-ସାଗର ହେ! କାହିଁକି ଏ ନାମ ଧର ୧୫୦
୧/୩। ଏଇ ଶପଥ ମୁଁ ନେଲି ୧୫୧
୧/୪। କ୍ଷମା-ସାଗର ବୋଲାଇ ହେଲା ୧୫୨
୧/୫। ଚିର ଅପରାଧୀ ମୁହିଁ ହେ ୧୫୩
୧/୬। ମନର କଥା ମୋ ଏତେ ୧୫୪
୧/୭। କ୍ଷମାନିଧି! କ୍ଷମା ଜମା ମାଗୁନାହିଁ ୧୫୫
୧/୮। ନ ଥିଲେ ଅପରାଧୀ ମୋହ ସରି ୧୫୬
୧/୯। ଜାଣୁଛି, ବୁଝୁଛି ଅପରାଧର ୧୫୭
୧/୧୦। ସିଂହ-ଦୁଆର ପାଶେ ୧୫୮

**ପ୍ରଣତି**

୨/୦। ପଦତଳ ମନୋହର ବିକଚ ଶତଦଳ ୧୭୨


❖❖❖



ଜୟଗୁରୁ

# ପ୍ରଣତି-ଶତକ

## ପ୍ରଥମ ଉଚ୍ଛ୍ୱାସ


ପ୍ରକାଶକ

**ନୀଳାଚଳ ସାରସ୍ୱତ ସଂଘ, ପୁରୀ**

ପ୍ରଣତି ଶତକ-ପ୍ରଥମ ଉଚ୍ଛ୍ୱାସ


୩। ଏଇ ଶପଥ ମୁଁ ନେଲି ୧୫୧
୪। କ୍ଷମା-ସାଗର ବୋଲାଇ ହେଲା ୧୫୨
୫। ଚିର ଅପରାଧୀ ମୁହିଁ ହେ ୧୫୩
୬। ମନର କଥା ମୋ ଏତେ ୧୫୪
୭। କ୍ଷମାନିଧି ! କ୍ଷମା ଜମା ମାଗୁନାହିଁ ୧୫୫
୮। ନ ଥିଲେ ଅପରାଧୀ ମୋହ ସରି ୧୫୬
୯। ଜାଣୁଛି, ବୁଝୁଛି ଅପରାଧର ୧୫୭
୧୦। ସିଂହ-ଦୁଆର ପାଶେ ୧୫୮


❖





ଶ୍ରୀଶ୍ରୀଠାକୁର

(୧)

'ଜୟଗୁରୁ' ବୋଲି ଜାଗ ଜଗଜ୍ଜନ
ଶୁଭ ପରଭାତେ ଆଜି ॥୦॥

ପ୍ରକୃତି କରେ ମିନତି କୁଞ୍ଜେ କୁଞ୍ଜେ
ବନ-ଫୁଲେ ଫୁଲେ ଅଳି ଓଁକାରେ ଗୁଞ୍ଜେ
ଗାଧୋଇ ଶିଶିରେ ବନମାଳା-କରେ ବନ୍ଦେ ଲତିକାରାଜି ॥୧॥

ଚନ୍ଦନବନ ନନ୍ଦନ କରି ଗନ୍ଧସମୀର ନାଚେ
ମନ୍ଦେ ଦୋହଲି ଛନ୍ଦେ ମତାଇ ଗିରିବନେ ପ୍ରୀତି ରଚେ
ଓଢଣା ଉହାଡୁ ଦରହସି ଉଷା ନମେ ବରତନୁ ମାଜି ॥୨॥

ନୀରାଜନା-ରତ ପୂରୁବେ ଅରୁଣ ନବ
ବିହଗ କଣ୍ଠେ ଶୁଭେ ମଙ୍ଗଳ ରବ
କମଳିନୀବାଳୀ ଘେନି ମଧୁଥାଳି, ଭେଟିବାକୁ ହେଲା ସାଜି ॥୩॥

ବିଶ୍ୱଗୁରୁଙ୍କ ପଦ ବନ୍ଦନ ଲାଗି
କୁଳୁ ଗୀତ ଗାଏ ଗରିନଦୀ ନିଦ ଭାଙ୍ଗି
'ଜୟଗୁରୁ' ରବେ ମୁଖର ସରବେ, ଗଗନ ପଡଇ ଭାଜି
ପଦ-ଦରଶନ ଆଶାୟୀ ସରବେ କଣ୍ଠେ ସେ ନାମ ଭଜି ॥୪॥

❖

(୨)

ନିଦ ଭାଙ୍ଗ, ରାତି ତ ଆସେ ପାହି ରେ
ମାୟା-ମୋହ ଘୁମରେ ତୁ କେତେ ଥିବୁ ଶୋଇ ରେ ॥୦॥

ଭଗାରି ସଭିଏଁ ମିଳି
ଦୁନିଆର ନିଶା ଗୋଳି
ପିଆଇ ଦିଅନ୍ତି, ଜାଗିବାର ବଳ ନାହିଁ ରେ ॥୧॥

ଅଛି ଜଣେ ତୋର ସାହା
ସେ ଏକା କରିବ ଆହା
ଶୟନେ, ସପନେ ତାକୁ ଡାକ ତୁ ନିଠାଇ ରେ ॥୨॥

ଜାଗ, ତା' ଶରଣ ମାଗ
ଭରି ମନେ ଅନୁରାଗ
ଷଡରିପୁ ଯିବେ ଦୂରେ, ତୋ ପାଶୁ ପଳାଇ ରେ ॥୩॥

ସେ ତ କରୁଣା-ସାଗର
ତାକୁ କରି ଆପଣାର
ଆଖି ମେଲି ରହ ମନ, ତା ପଥ ଅନାଇଁ ରେ ॥୪॥

❖





(୩)

ଜାଗ ରେ, ଜାଗ ରେ, ଜାଗ ରେ !
ଜାଗ୍ରତ ଧରଣୀ ଶ୍ୟାମଳ-ବରଣୀ
ଉଠ, ନରମାନବ ! ଜାଗ ॥୦॥

ଆଉ କି ସାଜେ ପଲଙ୍କର ସୁଖଶୟନ ?
ଚେତ ଚେତ ଫେଡି ଜ୍ଞାନର ନୟନ
କାଳ ବିତେ, ଗତ ଆୟୁ ଦିନ ଦିନ
ପ୍ରଣମି ଗୁରୁ, ଶରଣ ମାଗ
ଜାଗ ରେ, ଜାଗ ରେ, ଜାଗ ରେ ॥୧॥

ମାୟା, ମୋହ, ମଦ ମୂର୍ଚ୍ଛିତ ବିଶ୍ୱ
ସଙ୍କଟମୟ ପଥ, ପାନ୍ଥ, ତୁ ନିଃସ୍ୱ
ନିସ୍ତରଣେ କର, ଗୁରୁ ସର୍ବସ୍ୱ
ଡାକ ତୁ ଭରି ଅନୁରାଗ
ଜାଗ ରେ, ଜାଗ ରେ, ଜାଗ ରେ ॥୨॥

❖

## (୪)

ନବ ରବି ଆସେ ଉଇଁ
ଏଇ ପରଭାତେ ପ୍ରଣତି ଜଣାଅ ତାହାରି ଚରଣ ଛୁଇଁ ॥୦॥
ନବୀନ ଆଲୋକେ ନବୀନ ଭୁବନ
ନବ ଉପବନେ ନବୀନ ସୁମନ
ନବମାଳା ଗୁନ୍ଥି ନୁଆଁଅ ରେ ଶିର ନବୀନ ପରାଣ ଦେଇ ॥୧॥
ମାଗି ଶିଖ ନାହିଁ ତାହାରେ ମୁକତି
ମାଗ ଶ୍ରୀଚରଣେ ଅତୁଟ ଭକତି
ଯେଉଁ ଡୋରେ ବନ୍ଧା ହେବେ ଦିନରାତି, ଅଖିଳ ଜଗତସାଇଁ ॥୨॥
ଧୂଳିଧରା-ଘରେ ଦି'ଦିନ କୁଣିଆଁ
ଶେଷ ସାଥୀ ଯା'ର ଶମଶାନ ନିଆଁ
କି ଲୋଡ଼ା ତାହାର ଧନ, ଜନ, ମାନ, ଗଣ୍ଠିଧନ ଏକା ସେହି ॥୩॥
ଭକତି, ପୀରତି ମନରେ ଭରାଇ
ଆଶିଷ ମାତର ମାଗ ପାଦେ ଯାଇ
ପ୍ରଣତି କେବଳ ତୋହରି ସମ୍ବଳ ଭେଟ ତା ଚରଣେ ନେଇ ॥୪॥

❖





## (୫)

କେତେ ଘୁମାଇଛୁ ବାଉଳା ରେ ! ଉଠ
ପାହି ତ ଆସିଲା ରାତି
କୁସୁମ-ବଦନେ, ବିହଗ-କୂଜନେ
ଫୁଟେ ତା'ର ଗୁଣ-ଗୀତି ॥୦॥
ସୁର ମିଳାଇ ତୁ ଗାଅ ରେ ବାଉଳା !
ସେ ନାମ କଲ୍ୟାଣଦାୟୀ,
ଦୁଃଖ-ତାପହାରୀ ସେ ଏକା ସବୁରି
ତା ବିନୁ ସାହା କେ ନାହିଁ ॥୧॥
ମାରେ ସେ, ତାରେ ସେ, ସେ ହସେ, ସେ ରୁଷେ;
ଆଖି ମେଲି ଥରେ ଚାହାଁ,
ଅଥଳ ଅକୂଳ ଭବ-ପାରାବାରେ
ନାଉରୀ ସେ ବାହେ ନାଆ ॥୨॥
'କରି କରାଏ ସେ' ବିଚାରି ମନେ ତୁ
ମୋହ ନିଦରେ ନ ଭୁଲ
ଇଚ୍ଛାର ଠାକୁର ସେତ ଜଗତର
ମିଛେ 'ମୁଁ'-କାର ନ ବୋଲ ॥୩॥
ଜୀବନ, ଜନମ, କରମ, ମନନ,
ପାଦେ ତା'ର ସଁପି ଦିଅ
ଦି' ଦିନର ଭବ-ପରବାସୀ ଜୀବ
ସୁଖେ ଗୁରୁଦାସ ହୁଅ ॥୪॥

❖

(୬)

କେତେ ରହିଛୁ ଆଉ ଘୁମାଇଁ
ଜାଗ, ନିଶି ଆସିଲାଣି ପାହି ॥୦॥

ତରୁଣ ଅରୁଣ ବିଜୟ କଲେଣି
ଆଲୋକେ ମଣ୍ଡି ମହୀ
କଣ୍ଠେ କଣ୍ଠେ ନୀରାଜନା ଗୀତି
ଶୁଭେ, ଶୁଣ କାନ ଦେଇ ॥୧॥

ଜାଗିବା ବେଳରେ ନ ଜାଗି ଯେବେ ତୁ
ପଡିବୁ ନିଦରେ ଶୋଇ
ଗଡିଯିବ ଦାନବେଳାରେ ବାଉଳା !
ପଛେ ଝୁରୁଥିବୁ ତୁହି ॥୨॥

ଜାଗି ତୁ, ଜଗାଅ ମନ-ଚେତନା ତୋ
ଭକତି, ପ୍ରଣତି ପାଇଁ
ଡାକ ତରାଇ ରେ, ଭବ-ନଦୀ ପାରି
କରିବେ ରେ ଏକା ସେହି ॥୩॥

❖





(୭)

ବାଉଳା ! ଅଳସ ପହୁଡ ତେଜ
ଘୁମ-ଘେରା ଆଖି ମେଲି ତୁ ଏଥର
ନିଜ ଗନ୍ତାଘର ଖୋଜ ॥୦॥

ତୋ ଘର-ତ୍ରିବେଣୀ ଜଳେ ନ ସ୍ନାହାନି
ତୁଚ୍ଛାରେ ମୂରୁଖ ମନ !
ମିଛେ ସିନା ଭୁଲି ନାନା ତୀର୍ଥ ବୁଲି
ଖୋଜି ହେଉଛୁ ରତନ
ବିଚାରି ଲାଗଇ ଲାଜ ।୧।

ହଠବାଜିମାନ ଦେଖି ତୁ ଅଜ୍ଞାନ !
ଖୋଜୁ ବାଜିକର କାହିଁ ?
ଅନ୍ତର ମଝିରେ ଲୁଚି ରହିଛି ରେ
ଛାଇ ପଛରେ ତ ଧାଇଁ
ଆଖି ମୁଦି ଥରେ ହେଜ ॥୨॥

ପରଶମଣି ତୁ ପର ଘରେ ଖୋଜୁ
ବୁଲି ବୁଲି ରାତି ଦିନ
ଖୋଜ ତୁ ଅନ୍ତର- ଗନ୍ତାଘର ତୋର
ମିଳିବ ତା ଦରଶନ
(ତାର) କୋଟିଏ ରତନ ତେଜ ॥୩॥

❖

(୮)

ଘୁମାଇଁ ନ ରହ ଏଇ ମଧୁ ପରଭାତେ
ମହାସଙ୍ଗୀତ ଗାଅ ରେ ଭକତ ଯେତେ ।।୦।।
ବିହଗ-କଣ୍ଠେ ସଙ୍ଗୀତ ତା'ର, ପବନ ଲହରେ ଇଙ୍ଗିତ ତାର
ଡାକଇ ସେ ପାଶେ 'ଆମ ସନ୍ତାନ' ଝରଣାର କୁଳୁଗୀତେ ।।୧।।

ଏ ଜୀବନ ଯା'ର ଆଶିଷର ଦାନ
ତାହାରି ଚରଣେ କର ଅରପଣ
ସେ ଚାହେଁ ନା ଧନ ଚାହେଁ ଖାଲି ମନ-
ପୂଜା ଅନ୍ତରଗତେ ।।୨।।

ଆନ କାମନା ତୁ ନ କର ବାତୁଳ !
ପାସୋରି ଦୁନିଆଁ ଦି'ଦିନ ଜଞ୍ଜାଳ
ନୁଆଇଁ ମଥା ତୁ ମାଗ କରପାତି
ଭକତି ଭରି ତୋ ଚିତ୍ତେ ।।୩।।

ଠାବ ମାଗ ତା'ର ଚରଣ ତଳରେ
ନ ଘେନୁ ପଛେ ସେ ଆଦରେ କୋଳରେ
ଜନମେ ଜନମେ ସେବକ ରୂପରେ
ଘେନା କରୁଥାଉ ତୋତେ ।।୪।।

❖





(୯)

ଅବୋଧ ରେ, ଆଖି ମେଲି ତୁ ଅନାଆଁ
ପୂରୁବେ ଅରୁଣ ରାଜେ
ଗଗନେ, କାନନେ ମଙ୍ଗଳଗୀତି
ଭରିଲେ ପକ୍ଷୀ-ସମାଜେ ।।୦।।

ଏଇ ତ ରେ ସେଇ ବେଳ
ନବ ପରଭାତ କାଳ
ଜାଗ, ତୁ କରୁଣା ମାଗରେ ତାହାର,
ଶୁଣ ତା' ମୁରଲୀ ବାଜେ ।।୧।।

ଘୁମାଇଁ ନ ରହ ଆଉ
ଅମା ଘୋର ତୁଟିଯାଉ
ହେର ଏ ବିଶ୍ୱ ସରଜନା, ମେଲି
ନୟନ, କି ଛବି ସାଜେ ।।୨।।

ସୁମରି ବିପୁଳ ଦାନ
କି ବିରାଟ ମହୀୟାନ
ଜଗାଇ ମନରେ ଭକତି, ଦେଖ ରେ
ଚଉଦିଗେ ସେ ବିରାଜେ ।।୩।।

❖

(୧୦)

ଭିଖାରୀ ରେ! ଜାଗ, ଗଡିଯାଏ କାଳ
ହେଲା ଆଉ କର ନାହିଁ
ଦେଖ ରେ, ଦେଖ ରେ, ପୂରୁବ ଗଗନେ
ଅରୁଣ ଦେଲେଣି ଚାହିଁ ॥୦॥
କାମନା, ବାସନା ଯାହା ଅଛି ତୋର
ବିରାଟ-ଚରଣେ ଏବେ ଜଣା କର
ଏଇ ତ ରେ ସେଇ ଶୁଭବେଳା, ଦେଖ
ଚଉଦିଗେ ତୁ ଅନାଇଁ
ବନର ବିହଗ ମନ କଥା ତା'ର
ଜଣାଏଁ ରେ ଗୀତ ଗାଇ ॥୧॥
କୁସୁମ ଅରପେ ବନ୍ଦନା ଥାଳି
ସରାଗ-ପରାଗ ଅଙ୍ଗରେ ବୋଳି
ଅଳସ ବରଜି ଗୁଞ୍ଜରେ ଅଳି
ତାହାରି ଚରଣ ଧାୟି
ଆଉ କି ସାଜେ ରେ ନିଦ ତୋ ନୟନେ
ନିଶି ଆସେ ପାହି ପାହି ॥୨॥
ଜାଗ ଏ ମଧୁର ପରଭାତ କାଳେ
ବରଜି ମନରୁ ଅବସାଦ ହେଳେ
ଡାକ ରେ କରୁଣା-ସାଗରେ, ତୋ ଶିରେ
କୃପା ବରଷଣ ପାଇଁ
ଡାକିଲା ପରି ତୁ ଡାକିଲେ ସେ ଡାକ
ଶୁଣିବେ ଜଗତ-ସାଇଁ ॥୩॥

❖



## ପ୍ରତୀକ୍ଷା

ମନ ମୁନ ଏକ କର ରେ ମନୁଆଁ
ପ୍ରତୀକ୍ଷାରେ ରହ ବସି
ପରାଣ ଧନକୁ ପାଇବୁ ରେ ଦିନେ
କୋଳେଇ ନେବେ ସେ ଆସି ।

## (୧)

ସତେ ଆସିବ କି ହେ ଠାକୁର !
ସାଜି ନାହିଁ ଶେଯ-ସୁପାତି ପ୍ରିୟ ହେ !
ମାଜି ନାହିଁ ମନ ମୋର ।।୦।।

ନ ଜାଣେ ଏ ମନ କାହିଁକି କେଜାଣି
ଆଶା କରେ ବାର ବାର
ଆସିବ, ରସିବ, ବେଦନା ନାଶିବ
ତୁମେ ହେ ରସିକବର ।।୧।।

ନିଶିଦିନ ଏ ମୋ ଅଥିର ମନ ତ
ଖୋଜିଲା ଘର ସଂସାର
ଅତି ଆପଣାର ଜାଣୁ ଜାଣୁ ମୁଁ ଯେ
ତୁମକୁ କରୁଛି ପର ।।୨।।

କେଜାଣି ବା ଥରେ ମୁଁ ଅଣହେଳାରେ
ଧରୁଛି ନାମ ମାତର
ଏତିକିରେ ସତେ ଆଶା କରିବି କି
କରୁଣା ବରଷିବାର ।।୩।।

ଫୁଲ ନାହିଁ, ନାହିଁ ଅତର ଚନ୍ଦନ
ନାହିଁ ପୂଜାର ସମ୍ଭାର
ଅନାଇଛି ପଥେ ଜୁହାରିବାକୁ ମୁଁ
ମୁକୁଳା କରି ଦୁଆର ।।୪।।

❖

## (୨)

ମୁଁ ଯେ ଖୋଜିବୁଲେ ନିଶିଦିନ
କାହିଁ କାହିଁ ସେହି ମହାଜନ ॥୧॥
ଯା'ର ମଧୁର ପବନ-ପରଶ
ସାରା ତନୁ ମନ କରେ ସରସ
ସତେ ମଳୟ-ସୁବାସ ପରା
ଛୁଇଁ ଧନ୍ୟ ହୋଇବ ଜୀବନ ॥୧॥
ଥାଇ କର, ପଦ, ଶିର, ଆଖି
ଝୁରି ଝୁରି ହେଲି ନିରିମାଖୀ
କାହିଁ ସେହି ମାନବଟି ମୋର
ଯା'ରେ ଅନୁସରେ ନିଶିଦିନ ॥୨॥
ସେ ଯେ ଅମୂଲ ପରଶମଣି
ସେ ଯେ ସରଗ-ସୁଧାର ଖଣି
ଛଣା ପିତଳ ହୋଇବ ସୁନା
ଲଭି ଯାର କର ପରଶନ ॥୩॥
ଗୁଣି ଗୁଣି ଗୁଣଗଣ ଯା'ର
ହେଲେ ଭବ-ନଦୀ ହେବି ପାର
ଗୁରୁ ବିନେ ଏ ଶକତି କା'ର
ଦେବ ଶିଖାଇ ସେ ଗୀତିଗାନ ॥୪॥

❖





## (୩)

ଆଖିପାଣି ଆଖି କୋଣରେ ମାରି ମୁଁ
ତୁମ ବାଟ ଚାହିଁ ବସିଛି
ଆଶାରେ ଆଶାରେ କେତେ ସତେ ପ୍ରିୟ !
ମିଛେ ବାଲିବନ୍ଧ ଦେଇଛି ॥୦॥
ତନୁ ଛୁଇଁ ଯାଏ ଚୋରା ବସନ୍ତ
ମହକାଇ ଦିଏ ଦିଗ ଦିଗନ୍ତ
ଗଛରୁ ପତର ଖସିଲେ ସତରେ
ଚମକି କେତେ ମୁଁ ଚାହିଁଛି ॥୧॥
ପାହିଯାଏ ମୋର ଉଦୁଆଁ ରାତିଟା
ଡାକ ଦିଏ ଆସି କଜଳପାତିଟା
ଦେଖେ ମୁଁ ଫୁକିଆ ତରାଟା ମୋ ଆଡେ
ଆଖିମାରି ପରା ହସୁଛି ॥୨॥
ଅସରା ହେଲା ମୋ ଦିନ କାନ୍ଦୁ କାନ୍ଦୁ
କାନି ପସାରି ମୁଁ ଭିଖ ମାଗେ ବନ୍ଧୁ !
ଲୋକହସା ସହି ଜୀବନ ବିତୁଛି,
ଥରେ ହେଲେ ଆସ ଡାକୁଛି ।୩।
ଅପରାଧ ଯେବେ ହେଲା ସତେ ମୋର
ତୁମେ ପରା ବନ୍ଧୁ କ୍ଷମାର ସାଗର
ପଥର ପାଲଟି ଗଲ କି ମୋ ଲାଗି ?
ନିଶିଦିନ ମନେ ଭାଳୁଛି ॥୪॥

❖

## (୪)

ସଜାଡ ଯତନେ ମରମ-ଆସନ କମଳଦଳରେ ସାଜି
ଗୋଳି ରଖ ଚୂଆ ଚନ୍ଦନ ମନ-ଭକତି ଜଳରେ ଆଜି ।।୦।।
କଣ୍ଠରେ ସୁର ଭରି
ତାହାରି ଗୁଣ ସୁମରି
ଗାଅ ସେହି ଗୀତ, ମରମରେ ତା'ର ମଧୁତାନ ଯିବ ବାଜି
ସେହି ଏକା ଜୀବ-ପରମ ନାୟକ ସତତ ଥାଏ ବିରାଜି ।୧।

ଧରାରେ ସେ ଏକା ଦୟାର ଠାକୁର ଜୀବନ-ମରଣ ସାଥୀ
ଜଗତ ଜଞ୍ଜାଳେ ଘୁମ ନାହିଁ ତା'ର, ନାହିଁ ତା'ର ଦିନରାତି ।
ଅର୍ଚ୍ଚନା କର ତା'ର
ବଞ୍ଚନା ନାହିଁ ଯା'ର
ପାପ-ତାପ ଭବ-ବନ୍ଧନହାରୀ ସେହି ରେ ଜୀବର ଗତି
ଯାବତ ଦୁଃଖର ଅବସାନ କରି, ସେହି ରେ ଦେବ ମୁକତି ।।୨।।

ବନ୍ଦନ କର ଚରଣଯୁଗଳ ଅରପି ଭକତି ଫୁଲ
ମଧୁରୁ ମଧୁର ଅମିୟଝରା ସେ ପଦତଳ ନାହିଁ ତୁଲ
ସେହି ଏକା ସାଥୀ ତୋର
ଆଉ ଯେତେ ସବୁ ପର
ଶମଶାନ ଯାଏ ଯିବେ ବନ୍ଧୁଜନ, ଏ କଥା ମନୁ ନ ଭୁଲ
ଦଦରା ନାଆ ତୋ ଝଞ୍ଜା-ବତାସୀରେ କୂଳେ ନେବେ ଆଦିମୂଳ ।।୩।।

❖





## (୫)

ମନ-ପୂଜା ତୋର ବିଫଳ ନ ଯିବ
ପ୍ରିୟତମ ତୋର ଆସିବେ ରେ
କୁସୁମ-ଆସନ ସଜାଇ ରଖ ତୁ ପରାଣ ଦେବତା ବସିବେ ରେ ।।୦।।
ବାସନା, କାମନା ଧୂପ ଦିଅ ଜାଳି
ତା' ନାମ ଫୁଲରେ ଗୁନ୍ଥ ବନମାଳି
ନୟନ ତାରାରେ ରଚ ଦୀପାବଳୀ
ଆସିବେ, ତୋ ମନ ତୋଷିବେ ରେ ।।୧।।
ଗୋଳିରଖ ଆଖି ନୀରେ ତୁ ଚନ୍ଦନ
ଚରଣେ ମାଖି ତୁ କରିବୁ ବନ୍ଦନ
ସେବକ ତୁ ପଦ ସେବାର ଭାଜନ
ହୁଡିଲେ ସୁନ୍ଦର ରୁଷିବେ ରେ ।।୨।।
ଝଡ଼ ବତାସରେ ଆବାହନ କର
ନେଳି ମେଘ ତଳେ ଘର ପରା ତାର
ଘୁଞ୍ଚିଲେ ବାଦଲ ବିଜେ କରିବେ ସେ
ତୋ ମଥା ଆଉଁସି ହସିବେ ରେ ।।୩।।
ନ କହିବୁ କିଛି, ନ ମାଗିବୁ କିଛି
ତୋର ମନ ପୋଥି ପାଠ ସେ ପଢ଼ିଛି
ଭକତିରେ ଖାଲି ମଥା ନୁଆଇଁଲେ
ତୋ ମନ ଠାକୁର ରସିବେ ରେ ।।୪।।

❖

(୬)

ମିଳନ-ମନ୍ଦିରେ ମୋର
ଆଶା-ପଥ ଚାହିଁ ବସିଛି ମୁଁ କେବେ ଆସିବ ଗୋ ମନଚୋର ? ॥୦॥

ଯୁଗ ଯୁଗ ଧରି କେତେ ଯେ ବନ୍ଦିଛି
କେତେ ଯେ ହସିଛି, କେତେ ଯେ କାନ୍ଦିଛି
ତନୁ ମଳିନତା କେତେ ଯେ ପୋଛିଛି ଝରାଇ ନୟନ-ଧାର ॥୧॥

ସାଜିଲି ଶେଯ ମୁଁ ବେଦୀ ପରେ କେତେ
ଅଗଣାରେ କାନି ପାତିଲି ଏକାନ୍ତେ
ତୁମ ଚଲା-ପଦ-ରଜ ବୋଲି ହୋଇ ପୂତ ହେବ ଏ ଶରୀର ॥୨॥

ରତନ-ପ୍ରଦୀପ ଜାଳି ମୁଁ ରଖିଲି
ହେମ-ଘଟେ ନଇବେଦ୍ୟ ସଜାଡିଲି
ନିରିଜନେ କେତେ ସାଇତି ରଖିଲି ନୀରାଜନା ଉପଚାର ॥୩॥

ଗାଇବି ବୋଲି ମୁଁ ତୁମ ପ୍ରୀତି-ଗୀତି
ବୀଣା ତାର କଲି ସୁରରେ ସଙ୍ଗତି
ସବୁ ସରାଗ ମୋ ମନ ବେଦନାରେ ହେଲା ଖାଲି ନାରଖାର ॥୪॥

ଏକା ଯେବେ କରି ରଖିବ ଜୀବନେ
ଦେଖା ହେବ ନାହିଁ ଅଛି ସତେ ମନେ
ଦୂରେ ଥିଲେ ଥାଅ, ଭରି ରଖ ତବ ସ୍ମୃତିରେ ମୋର ଅନ୍ତର ॥୫॥





(୭)

ଚାହିଁ ରହିଛି, ଚାହିଁ ରହିଛି, ସେ ଦିନକୁ ପୋଡା ଆଖି ॥୦॥

କେବ ଦି' ଦିନିଆଁ ଏଇ ଦୁନିଆର
ଦୁଇ ନିଆଁ ଜଳା ଛାତି
ସେହି ଶାନ୍ତିଦିଆ ସୁଧାଝର ପଦ
ପରଶିବ ଦିନ ରାତି
ଯାବତ ବେଦନା ଗୋଟି ଗୋଟି କହି
ବୁକୁରେ ଧରିବି ଜାକି ॥୧॥

ପଳାଇଲେ ତୁମେ ଦୂରେ ଅପସରି
ପଛେ ପଛେ ଥିବି ଧାଇଁ
ମାୟାର, ମୋହର ଛଳ-ଭରା-ଜାଲ-
ବନ୍ଧନ ଛିଣ୍ଡାଇ ଦେଇ
ବାରି ସାରିଲିଣି ତୁମ ବିନେ ସବୁ
ଏ ଜଗତେ ଖାଲି ଫାଙ୍କି ॥୨॥

କେବେ ଆଉ ସତେ ଦାସପଣେ ମୋତେ
ନିଯୋଗ ମିଳିବ କହ ?
ଯାବତ ଜଞ୍ଜାଳ ଦୂରେ ଠେଲି ଦେଇ
ସେବୁଥିବି ଅହରହ
ସେଇ ଦିନ କେବେ ଆସିବ ଜୀବନେ
ରହିଛି ମୁଁ ତାକୁ ଟାକି ॥୩॥

(୮)

ଦେବତା !

ଦେବତା, ତୁମରି ଚରଣ ତଳରେ ମିନତି ମୋହର ଘେନ
ଜୀବନର ଗତି ପଥେ ମୋ ବରଷ ଶୁଭ ଫୁଲଚନ୍ଦନ ।।୦।।

ଜୀବନ-ନଦୀର ତୀରେ
ନାଆ ବାହି ନିଅ ଧୀରେ
ଆସ ହେ ନାଉରୀ ! ଅନ୍ଧାର ଭେଦି ଫୁଟାଅ ରବି କିରଣ ।।୧।।

ତୁଟୁ ଜୀବନର ଡର
ଅପସରୁ ଅହଂକାର
ସେବାରେ ତୁମର ମନବୀଣା ମୋର ନିତି କରୁ ଗୁଞ୍ଜନ ।।୨।।

ଘୁଞ୍ଚୁ ଯେତେ ବିକାର
ଅପସରୁ ଅହଂକାର
ଆସ ପ୍ରିୟତମ ! ଜୀବନର ଧନ, କୋଟି ପ୍ରଣତି ମୋ ଘେନ ।।୩।।

❖





(୯)

ବୃନ୍ଦାବନେ ଯିବି କାହିଁକି ?

ହୃଦ-ବୃନ୍ଦାବନେ ବୃନ୍ଦାବନଚନ୍ଦ୍ର
ଛଇଳ କହ୍ନାଇଁ ମୋର ନାହିଁ କି ? ।।୦।।

ଖୁଆଇବି ଲବଣୀ ସର
ମଚ୍ଛି ନିତି ପରାଣ ମୋର
ଶ୍ୟାମଳା, ଅମଳା ମତି ମୋର ନିତି
ତା' ମୁରଲୀ ସୁରେ ଯିବ ଧାଇଁ କି ।।୧।।

ସେ ମୋହନ ମୁରଲୀ ତାନ
ଶୁଣୁ ଶୁଣୁ ହଜିବ ଜ୍ଞାନ
ପ୍ରେମ-କୁଞ୍ଜବନେ ଯମୁନା ପୁଳିନେ
ହେରିବି ନାଗର ତୁଲେ ରାଇକି ।।୨।।

ଯୁଗଳ ସେ ମଧୁ-ମିଳନ
ବେନି ମନ ପ୍ରେମେ ମଗନ
ମଧୁର ମୂରତି ହେରି ମୋର ମତି
ପୁଲକରେ ପୂରି ହେବ ବାଇ କି ।।୩।।

ଘନ ନୀଳ-କମଳ କୋଳେ
ହେମ-କମଳିନୀଟି ଦୋଳେ
ଆନନ୍ଦେ ମଗନ ହେବ ସତେ ମନ
ଅପରୂପ ରୂପ-ଠାଣି ଚାହିଁ କି ।।୪।।

❖

(୧୦)

ଲିଭି ଲିଭି ଆସେ ଯେବେ ଜୀବନର ଦୀପଶିଖା
ବାରିଲି କାହିଁକି ଦୁଃଖ ଅଶେଷ ମୋ ଭାଲେ ଲେଖା ।।୦।।

ସାରାଟି ଜୀବନେ ଥରେ କମଳ-ଚରଣ ତବ
ଆଦରେ ଧରିବି ବୋଲି ହେଲା ତ ନାହିଁ ସମ୍ଭବ
ନିମିଷେ ହେଲେ ତୁମକୁ ଖୋଜିନାହିଁ ପ୍ରାଣ-ସଖା ! ।।୧।।

କରେ ଯେ ତୁମର ସେବା, ତୁମ ନାମ-ସୁମରଣ
ଜାଳି କି ପାରିବ ତାକୁ ଭବ-ଅନଳ-ଦହନ ?
ଅନ୍ତିମେ ଜାଣୁଛି, ଦୁଃଖହାରୀ ସିନା ତୁମେ ଏକା ।।୨।।

ବିଫଳ ସିନା ସକଳ ସାଧନଭଜନ ମୋର
କି ଫଳ ଜୀବନ ଧରି ସବୁ ତ ହେଲା ଅସାର
ବୃଥା ଏ ଜନମ ଯେବେ ନ ମିଳିଲା ଥରେ ଦେଖା ।।୩।।

❖



## ଆବାହନ

ପୂଜା ଉପଚାର ସଜାଡ଼ି ମନୁଆଁ
ତାଙ୍କ ଆବାହନ କର
କରୁଣା-ସାଗର ଗୁରୁଦେବ ସାହା
ଆଉ ବା କାହାକୁ ଡର ?

(୧)

ସପନୁ ଚେତି ମୁଁ ଖୋଜିଲି ସେଦିନ
ଗଗନ, ପବନ, ବନ
ଜଳ ଥଳ ସାରା ପଚାରିଲି–କାହିଁ
ଥାଅ ତୁମେ ଜୀବଧନ ! ॥୦॥

ସବୁରି ମଝିରେ ତୁମ ହସ ରେଖା
ଦେଖା ଦିଏ ଦୂରେ ଥାଇ
ଅନ୍ତର-ଘରର ଗମ୍ଭୀରା ଦେଖିଲି
ତୁମେ ପହୁଡ଼ିଛ ସାଇଁ ! ॥୧॥

ହାତ ପସାରି ମୁଁ 'ଆସ' ବୋଲି କେତେ
ଡାକିଲି ବିନୟ କରି
କାନରେ କହିଲ 'ଆସିବ', ଯେବେ ମୁଁ
ଡାକ ଦେବି ମନ ଭରି ॥୨॥

❖

(୨)

ଅରୁଣ-ରଥରେ ବିଜେ କର ହେ ମହାନ !
ଆବାହନ କରେ ଆଜି ନିଖିଳ ଭୁବନ
ଦୟାକର ହେ ଠାକୁର !
ଦରଶନ ମାଗେ ଦାସ ଯୋଡ଼ି ବେନି କର ॥୧॥
ବିହଗ କଣ୍ଠରେ ଶୁଭେ ଜୟ ଜୟ ଘୋଷ
କମଳ-ଆନନେ ତବ ହାସ ପରକାଶ
ନୀଳସାଗର ଲହରୀ
ନାଚେ ତାଳେ ତାଳେ ତବ ପୟରେ ଜୁହାରି ॥୨॥
ମରମର ମଳିନତା-ଅନ୍ଧକାର ଛାଇ
ତବ କିରଣ ପରଶେ ଯାଉ ହେ ଉଭାଇ
ଦୟାମୟ ନିରଞ୍ଜନ !
ଅନ୍ଧ ନୟନରେ ଲେପି ଦିଅ ଜ୍ଞାନାଞ୍ଜନ ॥୩॥
ହୃଦୟ-ମନ୍ଦିରେ ବସ କରୁଣା ନିଧାନ !
ମାୟା-ମଦ-ମୋହ ରିପୁ କର ନିସୂଦନ
କୋଟି ଅପରାଧ କ୍ଷମ
ଆତୁର କଣ୍ଠରେ ଡାକେ କିଙ୍କର ଅଧମ ॥୪॥

❖





(୩)

କାତର ପରାଣେ ସନ୍ତାନ ଡାକେ ମୁକୁଳା କର ମା' ଦୁଆର
ଆକାଶେ ଭରିଛି ଅରୁଣ କିରଣ ଆଉ ତ ସହେ ନା ଉଛୁର ॥୦॥

ଏଇ ତ ବିହଗ କଣ୍ଠେ ଶୁଭୁଛି ତୋହରି ମହିମା ଗୀତି
ଏଇ ତ ସାଗର ଗରଜନ ଛଳେ ରଟଇ ତୋ'ର କୀରତି
କଣ୍ଠରେ ମୋର ଭରିଦିଅ ମା' ତୋହର ବନ୍ଦନା ସୁର ॥୧॥

ମନଫୁଲ ଡାଲି ପୂଜିବି ତୋ'ର ମା' ରଙ୍ଗ ଚରଣ ଦୁଇ
ଭକତି ଭିକ୍ଷା ମାଗିବି ଖାଲି ମା' ଧନ, ଜନ ଲୋଡ଼ା ନାହିଁ ।
କରୁଣା ନୟନେ ଅନାଅଁ ଥରେ ତୁ, ଆନ ଆଶା ନାହିଁ ମୋର ॥୨॥

ଜାଣେ ନା କି ଭାଷା, କି ମନ୍ତରେ ଅବା ଶୁଣାଇବି ନିବେଦନ
ଶିଖାଇ ନ ଦେଲେ ଦୟାମୟୀ ! ତୁହି, କିଏ ଶିଖାଇବ ଆନ
ଇଚ୍ଛାମୟୀ ! ତୁ ତ ସବୁ ତୋର ଇଚ୍ଛା, କରିବୁ କି ସାତ ପର ?॥୩॥

❖

## (୪)

ପ୍ରଣତି ଚରଣେ ଘେନ ଜଗତ-ବନ୍ଦନ !
ଜ୍ଞାନୀଗୁରୁ ତୁମେ ଦେବ ! ପରାଣ-ନନ୍ଦନ
କର କର ଆଗମନ
ଏ ପୂଜାମଣ୍ଡପେ ଘେନି ସଙ୍ଗେ ଦେବଗଣ ॥୧॥

ପାପ କଳୁଷିତ ଚିତ୍ତ ଅଜ୍ଞାନ-ମୋହିତ
ଅନିତ୍ୟ ଯା ଏ ଜଗତେ ମଣୁ ତେଣୁ ନିତ୍ୟ
ଦିବ୍ୟ କିରଣ ବିସାରି
ଦିଅ ଏ ନୟନୁ ଅନ୍ଧକାର ଅପସାରି ॥୨॥

ବିଷୟ-ତୃଷ୍ଣା-ଜଡିତ ଅଶାନ୍ତ ମାନସ
ଜଞ୍ଜାଳ ଜାଲ ନିବାରି ତ୍ରିତାପ ବିନାଶ
ତୁମେ କରୁଣା-ସାଗର
ଶରଣ ଦିଅ ଚରଣେ ସର୍ବଦୁଃଖହର ! ॥୩॥

ଅକୂଳ ଅଥଳ ଜଳ ସଂସାରବାରିଧି
ପାପ, ତାପ, କଳୁଷର ନାହିଁ ତ ପରିଧି
ଆହେ ନାବ-ଦଣ୍ଡଧର !
କୃତାର୍ଥ କରି ଅଧମେ ପରିତ୍ରାଣ କର ।୪।

ମୁଖର ବଚନ ତୁଲେ କରରେ କରମ !
ସାଧି ନ ପାରୁଛୁ କେବେ ହେ ପୁରୁଷୋତ୍ତମ





ଦୟା କର ଶକ୍ତିଧର !
(ତବ) କରୁଣାରେ ବାକ୍ୟେ, କର୍ମେ ନ ରହୁ ଅନ୍ତର ॥୫॥

ଦେବରାଜ ରୂପେ ଦିଅ ସିଦ୍ଧେ ତପଫଳ
ତୁମେ ବିଷ୍ଣୁ, ବିଶ୍ୱ ଘୋଷେ ଜୟ ଅବିରଳ
ବିଶ୍ୱ-ଲୀଳା ସୁଚତୁର !
ବ୍ରହ୍ମା ରୂପେ ଗତିନୀତି ନିୟନ୍ତ୍ରଣ କର ॥୬॥

ତୁମେ ନିତ୍ୟ, ତୁମେ ସତ୍ୟ, ତୁମେ ଚିରନ୍ତନ
ସତ୍ୟ ପଥ, ଧର୍ମ ପଥ କର ପ୍ରଦର୍ଶନ
ଢାଳି ଅମିୟର ଧାର
ମଳିନ, ମୂର୍ଚ୍ଛିତ ଚିତ୍ତ ସମୁଜ୍ଜ୍ୱଳ କର ॥୭॥

ଦିଅ ଦିବ୍ୟ ବୁଦ୍ଧି ଜ୍ଞାନ, ହେ ରସ-ଆକର !
ଶ୍ରୀପଦ ସେବାରେ ଚିତ୍ତ ରହୁ ନିରନ୍ତର
ଲଭି ବିପରୀତ ଗତି
ଯାବତ କୁଚିନ୍ତା ପଥୁ ଫେରିଆସୁ ମତି ॥୮॥

କରୁଣା-ସାଗର ! ଦୀନ ଜନେ କୃପା କର
ନମୁଁ ଅଛୁ ଶ୍ରୀଚରଣ ତଳେ ବାରବାର
ଆହେ ପରାଣର ସାଥୀ !
ଜନମେ ଜନମେ ତୁମେ ଜୀବନର ଗତି ॥୯॥

(୫)

ହେ ନରଦେବତା ! ଆସ
ତୁମେ ପରା ଜନ-ଭାଗ୍ୟବିଧାତା, ନ କର ଆଜି ନିରାଶ ॥୦॥
ଧାରା ଶିରାବଣେ ଝରେ ବାରିଧାର
ପୁନେଇଁର ଚାନ୍ଦ ହସେ ଦରଦର
ଏପରି ଦିନେ ତ ଆସିଥିଲ ତୁମେ
ଧରାରେ କରି ସରସ
ଆଜି ଆମ ଡାକ ନ ଶୁଭେ କାନେ କି
କହ ଅମର-ପୁରୁଷ ! ॥୧॥
ଗୋଟିଏ ରୂପରେ ଜନମ ହୋଇଲ
କୋଟିଏ ରୂପରେ ପରକାଶ ହେଲ
ଭକତ ପରାଣେ ଆଜି ତ ବହୁଛି
ତୁମର ସେଇ ନିଃଶ୍ୱାସ
ଯୁଗର ବାରତା କାନେ କାନେ କହି
ବିରାଜୁଛ ଦେଶ ଦେଶ ॥୨॥
ତୁମରି ସନ୍ତାନ ଆଜି ଅଶରଣ
କାତରେ ମାଗଇ ଅଭୟ ଶରଣ
ଭେଟି ମୁଁ ଚରଣେ ପ୍ରାଣ ନିବେଦନ
ସାରା ଜୀବନ ଉଚ୍ଛ୍ୱାସ
ନର-ନାରାୟଣ ! ପ୍ରଣିପାତ ଘେନ
ଏତିକି ମନରେ ଆଶ ॥୩॥

❖





(୬)

ଅନ୍ଧାର ଏ ମୋ କୁଟୀର ଦୁଆରେ
ନ କରି ଆଉ ଉଛୁର
ଆଲୋକର ବତୀ ଜାଳିଦିଅ ଆସି
ତୁମେ ଶରଣ-ପଞ୍ଜର ॥୦॥
ଅମା ନିଶିଥିନୀ ଆସେ ପାହି ପାହି
ନିଖିଳ ଭୁବନ ଉଠିଲାଣି ଗାଇ
ସେଇ ସୁରେ ମୋର କଣ୍ଠ ମିଳାଇ
ଡାକୁଅଛି ବାରବାର
ବିଜେ କର ଆହେ ଦୟାଳୁ ଠାକୁର !
ମୋ ମିନତି ଘେନାକର ॥୧॥
ଭଗାରିଏ ଘେରି ଚଉକତି ମୋର-
ଘର ସାରା ଛାଇ ଦିଅନ୍ତି ଅନ୍ଧାର
ଯେତେ ଭାଳିଲେ ମୁଁ କରିବାକୁ ଦୂର
ତେତେ ମୁଁ ମାନୁଛି ହାର
ଜ୍ୟୋତିର୍ମୟ ତୁମେ ଦୁରୁଦିନେ ଆସି
ଅରାତି-ଡର ନିବାର ॥୨॥
ଆଖି ଆଗେ ଜାଳି ପ୍ରଦୀପ-ଜ୍ଞାନର
ଆଲୋକିତ କର ଅନ୍ଧାର କୁଟୀର
ଶୁଭମୟ ହେଉ ବିଶ୍ୱ ଚରାଚର
ଆହେ କରୁଣା-ସାଗର !
ଚରଣ ତଳରେ ପ୍ରଣତି ଜଣାଏ
ଆବାହନ ଏ ମନର ॥୩॥

❖

(୭)

ବିଜେ କର ଆଜି ଠାକୁର !
ପୂଜିବାକୁ ମନ ମୋର ଚରଣଯୁଗ ତୁମର ।।୦।।

ଧୋଇଦେବି ପଦ ବେନି ଢାଳି ମୁଁ ନୟନ ବାରି
ବସାଇବି ସମାଦରେ ହୃଦୟ-ଆସନ ପାରି
ପିନ୍ଧାଇ ଦେବି ମୁଁ ଗଳେ ଭକତି-ସୁମନ ମାଳି
ପ୍ରୀତି ଚନ୍ଦନ ତିଳକ ମଣ୍ଡି ସଜାଇବି ଶିର ।।୧।।

ଜାଣେ ମୁଁ ଜାଣେ ଦେବତା, ତୁମେ ହେ କରୁଣାସିନ୍ଧୁ
ଭକତ ମଥାରେ ଦିଅ ଅଜାଡ଼ି ଆଶିଷ ବିନ୍ଦୁ
ଦରଶନ ଦେବ ତୁମେ ଦୟାମୟ ଦୀନବନ୍ଧୁ !
ସଫଳ ହେବ ଜୀବନ ଏତିକି ଆଶା ମନର ।।୨।।

❖





(୮)

ଜଣାଏଁ ପଦେ ଯୋଡ଼ି କର, କରୁଣା କର
ଅରୁଣ ରଥେ ବିଜେ କର, କରୁଣା କର ।।୦।।
ଅମାଘେରା ଏ କୁଟୀର, ହେ ଠାକୁର !
ଅମାଘେରା ଏ କୁଟୀର
ଆଲୋକ ଝଲକେ ଉଜଳାଇ ଦିଅ
ଏତିକି ଆଶା ମନର ।।୧।।
ବିକଚ କମଳ-ଦଳ ହେ ଠାକୁର !
ବିକଚ କମଳ-ଦଳ-
ନିନ୍ଦିତ ଚରଣ ଦରଶନ ପାଇଁ
ମନ ମୋର ତରତର ।।୨।।
ବନର ବିହଗଦଳ ହେ ଠାକୁର !
ବନର ବିହଗଦଳ
ତୁମ ଗୁଣ ଗାଇ ଗଗନ ଫଟାଇ
ଭରିଲେଣି ଚରାଚର ।।୩।।
ମାୟାଘେରା ମନ ମୋର ହେ ଠାକୁର !
ମାୟାଘେରା ମନ ମୋର
ତବ ପଦକଞ୍ଜ ଆବାହନ ଲାଗି
ତେଜିଲାଣି ଘୁମ ଘୋର ।।୪।।
ନିରାଶ ଆଉ ନ କର, ହେ ଠାକୁର !
ନରାଶ ଆଉ ନ କର
ଜ୍ୟୋତିର୍ମୟ ରଥେ ବିଜେ କରି ଭବ-
ଅମାନିଶା ଦୂର କର ।।୫।।

❖

(୯)

ତୁମେ ନା ସେଦିନ କହିଥିଲ ମୋତେ
ଡାକିଲେ ଆସିବ ବୋଲି
ରାତି ପାହି ଆସେ, ନ ଆସ ତ ପାଶେ
ଡାକି ଡାକି ଥକିଗଲି ॥୦॥

ଡାକିଲା ପରି ମୁଁ ଡାକି ଜାଣି ନାହିଁ
ଡାକିବା ରୀତିଟି ଦିଅ ହେ ବତାଇ
ତୁମେ ନ କହିଲେ କିଏ ସେ କହିବ
ତୁମେ ତ ଭଗାରି ଖାଲି ॥୧॥

ଆସ ତୁମେ ନାଥ ! ବାଟ କହି ଦିଅ
ଅନ୍ଧ ପରା ମୁହିଁ, ହାତ ଧରି ନିଅ
ଖାଲ, ଖଣା ମୁଁ ଯେ ବାରି ନ ପାରିତ
ତୁମକୁ ଆଶରା କଲି ॥୨॥

ତୁମେ ଯେବେ ହେବ ନିପଟ ନିଠୁର
ଦୟାନିଧି ନାମ କାହିଁ ପାଇଁ ଧର ?
ଭଙ୍ଗା ଏ ମୋର କୁଡିଆ ଦୁଆରେ
ପଡିଯାଉ ପାଦଧୂଳି ॥୩॥

❖





(୧୦)

ଅବୋଲର ବୋଲ ନ ଶୁଣିବୁ ତୁ କି ମାଆ !
ଡାକି ଥକିଲିଣି ରାତି ହେଲା ପାହାନ୍ତିଆ ॥୦॥

ଅଜାଣ, ଅବୋଧ ହେଲି ବୋଲି ମୁହିଁ
ମାଆ ଫିଙ୍ଗିଦିଏ ପାଦେ, ଶୁଣା ନାହିଁ
ପଥର ରଜାର ଝିଅ ହେଲୁ ବୋଲି
ପାଷାଣୀ କି ତୋର ନାଆଁ ॥୧॥

ଆସ ମା', ଆସ ମା' କ୍ଷମାକର ଦୋଷ
ଦରଶନ ଦିଅ ନ ବହି ତୁ ରୋଷ
ତୋ ତେଜ ଝଲକୁ ଆଖି ଆଗେ ଆଗେ
ଦିଶିଯାଉ ଶୁଭ ରାହା ॥୨॥

ଧନ, ଜନ ତୋତେ କିଛି ନ ମାଗିବି
ନିଶି ଦିନ ଖାଲି ତୋତେ ଡାକୁଥିବି
ପାଦତଳେ ବସି ସେବା ଅଭିଳାଷୀ
ହେବି, ଥରେ ଫେରି ଚାହାଁ ॥୩॥

❖

## ପ୍ରଣତି

ପ୍ରଣତି ଦିଅ ସେ ଚରଣେ ମନୁଆଁ
ଏକାଗ୍ରତା ରଖ ତୁହି
ମନ-ବୃନ୍ଦାବନେ ସେ ଉଭା ହୋଇବେ
ଏ କଥା ଅନ୍ୟଥା ନୋହି ।

(୧)

ନିଝୁମ ନିଦରେ ଶୋଇ ପଡିଥିଲି
ଚେତା-ଚଇତନ ନାହିଁ
ଚମକି ଉଠିଲି ଡାକିଦେଲା ମୋତେ
ପରଭାତୀ ପକ୍ଷୀ ଗାଇ ॥୦॥
ଦେଖିଲା ନୟନ ମୋର
ନାହିଁ ଆଉ ଅନ୍ଧାର
ଉଠାଇଲା ଯିଏ ବିଚାରିଲି ତାକୁ
ପ୍ରତିଦାନ ଦେବା ପାଇଁ
ପୂରୁବେ ଅରୁଣ ବାରି ମୋର ମନ
ହସି କଲା ମୋତେ ଚାହି ॥୧॥
ଚେତାଇ ଦେଲା ସେ ବୋଲି
ପକ୍ଷୀ କି ଆଦର କଲି
କହିଲା ସେ ମୋତେ କଣ୍ଠେ ତା' ସ୍ୱର
ଦେଇଛି କିଏ ଭରାଇ
ଆଦେଶରେ ତାର ଗାଉଛି ସେ ଗୀତ
ଆୟତ୍ତ ତାହାର ନାହିଁ ॥୨॥
କିଏ ଶୁଆଇଲା ମୋତେ
କିଏ ଚେତାଇଲା ସତେ
ସଭିଏଁ କହିଲେ ଭାରି ଛଇଳ ସେ
ସବୁ କରେ ଲୁଚି ରହି
କେଡ଼େ ସୁଖ ପାଏ ମୋତେ ବୋଲି ଭାଳି
ତା' ପଦେ ଜୁହାରେ ମୁହିଁ ॥୩॥

❖

(୨)

କି ଦେଇ ପୂଜିବି କହ ?
ମନ, ଧନ ଯାହା ଅରପିବି ତାହା ତୁମେ କି ହେ ଦେଇ ନାହଁ ? ॥୦॥

ତୁମେ ତ କହୁଛ, ତୁମେ କୁହାଉଛ
ତୁମେ ତ କରୁଛ, ତୁମେ କରାଉଛ
କି ବୋଲି, କିପରି ଡାକିବି ତୁମକୁ
ତୁମେ ତେବେ କହି ଦିଅ ॥୧॥

ମନ ଭରି ଯେବେ ଡାକିବି ବିଚାରେ
କାହୁଁ କିଏ ଆସି ଚଉକତି ଘେରେ
ମାୟାର ମୋହିନୀ ମୋହଜାଲେ ଛନ୍ଦି
ବନ୍ଦୀ କରେ ମୋର ଦେହ ॥୨॥

ଦୟାମୟ ତୁମେ ବୋଲାଉଛ ପରା
ପସାରିଛ କିପାଁ ମୋହର ପସରା ?
ନିରିମମ ବୋଲି କହିଲେ ତୁମକୁ
ଦୋଷ ଲେଖିବ କି ଦିଅଁ ? ॥୩॥

ଡରିଯାଅ ନାହିଁ ଜୀବନର ସାଇଁ
ବେଶୀ କିଛି ମୋର ମାଗିବାର ନାହିଁ
ପୂଜା ବଦଳରେ ଦିନ ଅନ୍ତେ ଥରେ
ମନର ପ୍ରଣତି ନିଅ ॥୪॥

❖





(୩)

ତୁମେ ହେ ଜାଳିଛ ମୁକ୍ତି-ମଶାଲ ଅମାଘେରା ଏଇ ଘରେ
ବିଭୋର କରିଛ ବିଶ୍ୱମରମ ମହା-ସଙ୍ଗୀତ ସ୍ୱରେ ॥୦॥

ରୁଦ୍ଧ ଦୁଆର ମୁକ୍ତ କରିଛ ଶୁଦ୍ଧ ସାଧନ ବଳେ
କାନେ କାନେ ତୁମେ ଶୁଣାଉଛ ଗୁରୁ ! ଓଁକାର ମନ୍ତରେ
ସାରା ଜୀବନର ଭକ୍ତି-ପ୍ରଣତି ଘେନାକର ପଦତଳେ ॥୧॥

ନବ ଆଦରଶ ଦରଶାଇ ତୁମେ ଦୀକ୍ଷା ଦେଇଛ ମୋରେ
ବିଞ୍ଚି ଦେଇଛ ଶାନ୍ତି-ଅମିୟ ବେଦନା ଆତୁର ଘରେ
ସାରା ଜୀବନର ଭକ୍ତି-ପ୍ରଣତି ଘେନାକର ପଦତଳେ ॥୨॥

କୁପଥ ବିପଥ ବାରି ଚଳାଉଛ ସୁପଥେ ଏ ଜୀବନରେ
ଆଲୋକ, ଆଲୋକ, ଆଲୋକ ଜାଳିଛ ମୋହଘେରା ନୟନରେ
ସାରା ଜୀବନର ଭକ୍ତି-ପ୍ରଣତି ଘେନାକର ପଦତଳେ ॥୩॥

ଜୀବନର ଏଇ ଅଭିଯାନ ମୋର ସଫଳ କର ହେ ବାରେ
ପୂର୍ଣ୍ଣ କର ଏ ଶୂନ୍ୟ ପରାଣ ପୀରତି ରସର ଧାରେ ।
ସାରା ଜୀବନର ଭକ୍ତି-ପ୍ରଣତି ଘେନା କର ପଦତଳେ ॥୪॥

ଘନ ବନ୍ଧୁର ସଂସାରପଥେ ଦୁରୁଦୁରୁ ବୁକୁ ଥରେ
ଘୁଞ୍ଚୁ ଯାବତ ବାଧା ବନ୍ଧନ ତୁମରି କରୁଣା ବଳେ
ସାରା ଜୀବନର ଭକ୍ତି-ପ୍ରଣତି ଘେନା କର ପଦତଳେ ॥୫॥

❖

(୪)

ତୁମେ, ଜୀବନର ଧନ ମୋର
ଶୟନେ, ସପନେ, ଜନମେ, ମରଣେ
ତୁମେ ହେ ଭରସା ଚିର ॥୦॥

ପାସୋରି ତୁମକୁ ଭୁଲି ମୋହ-ଜାଲେ
ପାଶରୁ କରିଛ ଦୂର
ତୁମେ ହେ ପିଅର, ପରାଣରେ ମୋର
ଡାକ ଦିଅ ନିରନ୍ତର ॥୧॥

ଦୟାମୟ ବୋଲି ଗୁହାରି ଜଣାଏଁ
ବିପଦେ ହେଲେ କାତର
ମା ଭୈ, ମା ଭୈ କହ ତୁମେ ପିତା
ମରମେ ଜାଗି ମୋହର ॥୨॥

ପରାଣୟ ପ୍ରିୟ ! ଜୀବନ ଯୌବନ
ସବୁ ତ ଦାନ ତୁମର
କି କରି ପାସୋରି ପାରିବି ହେ ତବ
କରୁଣା-ସ୍ନେହ-ଆଦର ॥୩॥

ଚରଣ-ପଙ୍କଜେ ମାଗୁଛି, ତିଳେ ହେଁ
ମନରୁ ନ ହୁଅ ଦୂର
ସୁଖେ, ଦୁଃଖେ ଅବା ସମ୍ପଦେ, ବିପଦେ
ପ୍ରଣତି ଘେନ ଠାକୁର ! ॥୪॥

❖





(୫)

ଦେଇ କି ଧନ
ତୋଷିବ ମନ ? ॥୦॥

କୁସୁମ କାନନେ ବୁଲି ବାସଫୁଲ ମୁଁ ବାଛିଲି
ସରାଗେ ପରାଗ ବୋଲି ଅଛି ସେ ପାଖୁଡ଼ା ମେଲି
ଭ୍ରମର କହିଲା କାନେ
ଏ ପରା ତୁମରି ଦାନ ॥୧॥

ପଖାଳିବି ପାଦ ବେନି ଭାଳି, ଗଲି ଜଳ ଆଣି
ଶୁଣିଲି ସେ କୁଳୁ କୁଳୁ ଭଣି ଗୀତ ଗାଇ ନାଚେ ପୁଣି
ଲହରୀ ତାଳେ ଜଣାଏ
ତୁମେ ତା'ର ଜୀବଧନ ॥୨॥

ସୁବାସ ଚୁଆ-ଚନ୍ଦନ କରିବାକୁ ଅରପଣ
ଭାଳିଲା ମୋର ଏ ମନ କରିଗଲି ଆହରଣ
ସବୁଥିରେ ବାରିଲି ମୁଁ
ତୁମ କାରିଗରିପଣ ॥୩॥

ଯାହା ଦେଖୁଛି ନୟନ ସବୁ ତ ତୁମରି ଦାନ
କି ଘେନି ମୁଁ ଅରଚନ କରିବି ଭଲା ଚରଣ ?
ନାହିଁ ନାହିଁ କିଛି ଆନ
ଜୁହାରୁଛି ନିଃଶରଣ ॥୪॥

❖

(୬)

ଜ୍ଞାନ-ବୁଦ୍ଧି-ପ୍ରଦାୟକ, ଶକତି-ବିଧାତା
ସେବନ୍ତି ପଦ ଯାହାର ସକଳ ଦେବତା
ପରମ ଗୁରୁଟି ସେହି
ଅନ୍ଧ ନୟନେ ଅଞ୍ଜନ ଦେବେ ସେ ଘେନାଇଁ ॥୧॥
ମୋକ୍ଷ-ଦାୟକ ଅଟେ ଯା ଚରଣର ଛାୟା
ସୁଖ-ଶାନ୍ତି ଦେଇ ହରେ ମରଣର ମାୟା
ଭୁଲାମନ ! ନ ପାସୋର,
ସେ ଗୁରୁ ଆନନ୍ଦଦାୟୀ ନାମଟି ସୁମର ॥୨॥
ଶକତିଦାତା ସେ ଆତ୍ମଜ୍ଞାନର ଆଲୋକ
ଦେବ-ନରଲୋକ ସର୍ବବିଶ୍ୱର ପାଳକ
ଉପାସନା ବିନେ ଯା'ର
ମୂଢ଼ମତି ଲଭେ ଦୁଃଖ ଜରା-ମରଣର ॥୩॥
ପ୍ରବୃତ୍ତି-ପଥରେ ଚଳି ଅଜ୍ଞତାର ଦୋଷେ
ଦୁର୍ବଳ ମାନବ ବିଷଫଳ ଭୋଗେ ଶେଷେ
ତେଣୁ ଗୁରୁ ଏକା ସାହା,
ଜୀବନ-ମରଣେ ଦେଖାଇବେ ଶୁଭ ରାହା ॥୪॥
କୃତକର୍ମ ଶୁଭାଶୁଭ ଫଳଭାଗୀ ଜୀବ
ଅଶୁଭ-ଦୁର୍ଗୁଣ ଗୁରୁ-ଶରଣେ ଶମିବ,
ସଦା କରମେ, ମନନେ,
ଅଚଳା ଭକତି ଲୋଡ଼ା ତାଙ୍କ ଶ୍ରୀଚରଣେ ॥୫॥
ଯୋଡ଼ି କର ଭିକ୍ଷା ମାଗ ସେ ଗୁରୁ ଚରଣେ
ସେ ରୂପ ସ୍ଥାପନା କର ନିରତ ମରମେ
ଭବ-ଦୁଃଖ, ଶୋକ, ମୋହ,
ନାଶ ଯିବ, ମନ ଭରି ପ୍ରଣତି ଜଣାଅ ॥୬॥





(୭)

ଅଗତିର ଗତି ଅନାଥ-ନାଥ !
ଜଣାଏଁ ଶ୍ରୀପଦେ ଦୀନ ଆରତ
ଅନ୍ଧାରେ ବୁଲୁଛି ମୁହିଁ
ସାରାଟି ଜୀବନ ଖୋଜି ହେଲି ଖାଲି
ପଥ କାହିଁ, ପଥ କାହିଁ ॥୧॥
ଶୁଣିଛି କାନେ ଅଧମ ତାରିଛ
ଜାଣି ନାହିଁ କିଏ ଦିଏ କି ଲାଞ୍ଚ
ଭବସାରା ଭରମିଲି
କାହୁଁ କିସ ଆଣି ତୋଷିବି ତୁମକୁ
ସବୁ ତ ସୃଷ୍ଟି ତୁମରି ॥୨॥
କିଛି ନ ପାଇ ମୋ ମନ ବିକଳ
ଖୋଜା, ଲୋଡ଼ା ମୋର ସବୁ ବିଫଳ
ରଖ, ମାର ଯାହା ମନ
ଭେଟି ଦେବାପାଇଁ କିଛି ନାହିଁ ଆଉ
ପ୍ରଣତି ମାତର ଘେନ ।୩।

(୮)

ସଂସାରେ ମୋହର କିଛି ନାହିଁ ସିନା ଧନ, ଜନ ଅବା ମାନ
ଗୁରୁ ଗଉରବ ଦିଆ ନିଆ ଯାହା ଜାଣୁଛି ଏ ମୋର ମନ
ଜୀବଧନ ! ସବୁ ତ ତୁମରି ଦାନ
ମୋର ବୋଲିବାକୁ କି ଅଛି, ଏ ଆଖି ଖୋଜି ବୁଲେ ନିଶିଦିନ ।।୨।।

ଜଳ, ଥଳ, ଗିରି, ବନରେ ଉକୁଟେ ତୁମରି କରଣୀ ଛାଇ
ମୂରୁଖପଣରେ ମୋର ମୋର ବୋଲି ନିତି ମୁଁ ହେଉଛି ଗାଇ
ଜୀବଧନ ! ଅନ୍ତର କରି ମୋଚନ
ବାରିଲି ଦିନେ ମୁଁ ଜଗତ ମଝିରେ ଅଟେ ଅତି ଅଭାଜନ ।।୩।।

ଭେଟିଲେ ଯାହାକୁ ପଚାରିଲି ତାକୁ ନ ଦେଲେ କେହି ବତାଇ
କରାଏ, କୁହାଏ ଯେ ମୋତେ ତାହାରେ କି ଧନେ ତୋଷିବି ମୁହିଁ
ଜୀବଧନ ! କହିଦେଲା ନିଜ ମନ
ପ୍ରଣତି ମାତର ଭେଟିବି ତା' ପଦେ ସେହି ମୋର ବଡ଼ ଧନ ।।୪।।

❖





(୯)

ଜୀବନ, ଜନମ ତୁମେ ସବୁ ତ ଦେଇଛ
ପ୍ରତିଦାନେ କେବେହେଲେ କିଛି ନ ଚାହିଁଛ
ତୁମ ଅଯାଚିତ ଦାନ
କିପରି ଶୁଝିବି ଭାଳି ହଜିଯାଏ ଜ୍ଞାନ ।।୧।।

ଦାତାପଣେ ଜଗତରେ ପତାକା ଉଡାଇ
ଦୟାର ସାଗର କରୁଣାର ଅନ୍ତ ନାହିଁ
ଲୁଚି ରହିଥାଅ କାହିଁ
କାହିଁକି କୁଣ୍ଠିତ ଦରଶନ ଦେବା ପାଇଁ ? ।।୨।।

କେତେ ମୁଁ ବିଚାରେ ମନେ ଦିଅନ୍ତ କି ଧନ
ହେଜି ଦେଖେ ଯେତେ ସବୁ ତୁମରି ତ ଦାନ
କେଉଁ ଉପଚାରେ ଆଉ
ତୋଷିବ ତୁମକୁ, କହ ପାଇବି ମୁଁ କାହୁଁ ? ।।୩।।

ଯେତେ ଦେଉଥିଲେ ତୋଷ ନୁହଁଇ ମୋ ମନ
ପଦ ତଳେ କର ପାତି ମାଗେ ଅଭାଜନ
ଦିଅ ଦିଅ ହେ ଶକତି
ମନ ଭରି ଢାଳୁଥିବି ଚରଣେ ପ୍ରଣତି ।।୪।।

❖

(୧୦)

ବିଶାଳ ମଝିରେ ମହା ସମାଧିରେ ଚିର ତନ୍ମୟ ତୁମେ
ମୁଁ ଯେ ନିରାଶ୍ରୟ ଦଗଧ-ହୃଦୟ ପଥଭୁଲା ପାନ୍ଥ ଜଣେ
ଅମର-ଜ୍ୟୋତିର ଆଲୋକର ଧାର ଉଜ୍ଜ୍ୱଳେ ତବ ପ୍ରାଣ
ଆକୁଳ-ପରାଣ ବ୍ୟଥା ନିବେଦନ ପ୍ରଣତି ଚରଣେ ଘେନ ॥୧॥

ସୁପ୍ତ-ପରାଣ-ଦୁଆରେ ଗୋପନ କରାଘାତ ତୁମେ ଦେଲ
ଲଗାଇ ଜୀବନେ ଭୂମାନନ୍ଦ ଗାନେ ଅଚେତନେ ଚେତାଇଲ
ନବ ଆଦରଶେ ଜାତୀୟତା ଭାଷେ ଦେଇଅଛ ଉଦ୍‌ବୋଧନ
ସେ ବାଣୀରେ ଚିତ୍ତ ହେଲା ଅଭିଭୂତ ପ୍ରଣତି ଚରଣେ ଘେନ ॥୨॥

ଲାଳସା-ମତ୍ତ ମାନବ-ଚିତ୍ତ ଶାନ୍ତି ବିଧାନ ଆଶେ
ମଧୁମୟୀ ବାଣୀ ବିତରିଲ ପୁଣି ଘରେ ଘରେ ଜନ ପାଶେ
ବେଦନା-କାତର-ଜୀବ ଲାଗି ଚିର ବ୍ୟାକୁଳିତ ତୁମ ମନ
ଆରତ-ଶରଣ, ଗୁରୁଦେବ ମମ ! ପ୍ରଣତି ଚରଣେ ଘେନ ॥୩॥

ସାଧନ-ସାଗର ମନ୍ଥି ବାରିଲ ତତ୍ତ୍ୱ ନିହିତ କାହିଁ ?
ବ୍ୟାକୁଳ ସତତ ମାନବର ଚିତ୍ତ ବ୍ୟଥା ନିବାରଣ ପାଇଁ
ଶାନ୍ତିର ବାଣୀ ହେ ଦୟାଳୁ-ମଣି ! କାନେ କାନେ କଲ ଗାନ
ମୁଗଧ-ମାନବ ମୁହିଁ ଗୁରୁଦେବ ! ପ୍ରଣତି ଚରଣେ ଘେନ ॥୪॥

❖



**ବନ୍ଦନା**

ଶ୍ରୀଗୁରୁ ଚରଣ ବନ୍ଦ ରେ ମନୁଆଁ
ମନର ସୁମନ ଦେଇ
ପ୍ରାଣର ଠାକୁର ସାହା ରେ ତୋହର
ମା ଭୈ, ମା ଭୈ ।

(୧)

ମନ ରେ ! ବନ୍ଦନ କର ତୁ ଅବିରତ
ମାଗ ଶ୍ରୀନିଗମାନନ୍ଦ-ଶରଣ ପସାରି ହାତ ॥୦॥

ସରଗ-ବିହାରୀ ଦେବେ ତୃପତି ସାଧି ଯା' ଲବେ
ପରମାନନ୍ଦେ ମଗନ ହୋଇ, କର ତା ପୂଜନ
ଆଦ୍ୟବନ୍ଦନ ସେ ଯେ ହୁଅ ତୁ ତାଙ୍କରି ଭକତ ॥୧॥

କର-ସଙ୍କେତ ମାତର ସମ୍ବଳ ନ ଥାଇ ଯା'ର
ଲଭି ଏ ଭବ-ସାଗର ଗୋଷ୍ପଦ ସରି ମାତର
ତରିବାକୁ ଆଶ କରି ଭକତ ଚାହେଁ ନିରତ ॥୨॥

ସେବ ଶ୍ରୀନିଗମାନନ୍ଦ ଶ୍ରୀଚରଣ-ଅରବିନ୍ଦ
ଭବ-ଶୋକ-ତାପ-ମାୟା ପରଶିବ ନାହିଁ କାୟା
ସେହି ନାମ ସୁମରଣେ ଦିଅ ନିଶି ଦିନ ଚିତ୍ତ ॥୩॥

❖

(୨)

ଜୟ, ଜୟଗୁରୁ ଜଗଜ୍ଜନ ବନ୍ଦନ ହେ
ଜୟ, ଭକତ ହୃଦୟ-ତଟ ଚନ୍ଦନ ହେ
ଜୟ, ମରତ-ଭୁବନ ରୁଚି-ନନ୍ଦନ ହେ
ଘେନ, ଶରଣାଗତ ଅଭିନନ୍ଦନ ହେ ॥୧॥

ତୁମେ, ଶ୍ୟାମକାନ୍ତ ରୁଚି ସୁନ୍ଦର ହେ
ତୁମେ, ପ୍ରଳୟ ପୟୋନିଧି ମନ୍ଦର ହେ
ତୁମେ, ସୂକ୍ତ ମନ୍ତ୍ର ବେଦ ଛନ୍ଦର ହେ
କର, ଉଜ୍ଜ୍ୱଳ ମୂଢ଼ମନ-କନ୍ଦର ହେ ॥୨॥

ତୁମେ, ଅନ୍ଧ ନୟନଯୁଗ ଅଞ୍ଜନ ହେ
ତୁମେ, ଶଙ୍କିତ ମନ ଭୟ-ଭଞ୍ଜନ ହେ
ତୁମେ, ରିପୁଦଳ-ମଦ-ଗର-ଗଞ୍ଜନ ହେ
କର, ଅମିୟ ବରଷି ଭବରଞ୍ଜନ ହେ ॥୩॥

ତୁମେ, ବ୍ରହ୍ମ ସନାତନ ଈଶ୍ୱର ହେ
ତୁମେ, ପ୍ରାଣବନ୍ଧୁ ତିନି ବିଶ୍ୱର ହେ
ତୁମେ, ନିତ୍ୟ, ଆନ ସବୁ ନଶ୍ୱର ହେ
ତବ, ଆଶିଷ ସମ୍ପଦ ନିଃସ୍ୱର ହେ ॥୪॥

ଦିଅ, ଶୁଦ୍ଧପୂତ ମତି ଅନ୍ତର ହେ
ଦିଅ, ପ୍ରେମ-ଭକ୍ତି-ଯୁକ୍ତ ମନ୍ତର ହେ
ଦିଅ, ଅନ୍ତେ ଠାବ ପଦପ୍ରାନ୍ତର ହେ
ଗୁରୁଦେବ ! ଗୁହାରି ନିରନ୍ତର ହେ ॥୫॥

❖





(୩)

ଗଙ୍ଗା-ତରଙ୍ଗରେ ଧଉତ
ଜଟା କଳାପ ଯା'ର
ଅତି ରମଣୀୟ ଦିଶଇ
ଶୋଭାସମ୍ଭାର ସାର ॥୧॥

ବାମ ଅଙ୍ଗେ ବାମା ଗଉରୀ
ମୋଦେ ବିରାଜି ଯହିଁ
ଉପମା ଦେବାକୁ କ୍ଷିତିରେ
ଶିରୀ ସମ୍ପଦ ନାହିଁ ॥୨॥

ନାରାୟଣ-ପ୍ରିୟ ରୂପେ ଯେ
ପୂଜ୍ୟ ତିନି ଭୁବନେ
ମଦନ-ଗରବ ନାଶି ଯେ
ଖ୍ୟାତି କାମ-ଦହନେ ॥୩॥

ବାରାଣାସୀପୁରେ ବିରାଜ
ବିଶ୍ୱନାଥ ପୟର
ପୂଜନ କରୁଛି ନିରତ
ଭେଟି କୋଟି ଜୁହାର ॥୪॥

❖

(୪)

ଶ୍ରୀଗୁରୁ ନାମ ତୁ ସୁମରଣ କର, କର ଭୁଲା ମନ
ପାପ ନାଶନ ସେ, ହେବ ରେ ସଫଳ ଏ ଜୀବନ ।।୦।।

ପରକାଶ ହେଲେ ସେ ରବି ଛବିଟି
ମୋହ ଅନ୍ଧକାର ଦୂରେ ଯିବ ହଟି
ହୃଦୟ-ସରସୀ-ପ୍ରେମ-ନୀରେ ତୋର କମଳ ଫୁଟିବ ଅନୁଦିନ ।।୧।।

ସଞ୍ଚରିବ ମନ୍ଦ ମଳୟ ନିରତ
ସଉରଭେ ତୋର ପୁଲକିବ ଚିତ୍ତ
କାମନା, ବାସନା ସହବାସେ ତା'ର ପୂରିବ, ଘୁଞ୍ଚିବ ଦୁରୁଦିନ ।।୨।।

ଭେଟି ଭକତିର ସୁମନ-ଅଞ୍ଜଳି
ଚରଣରେ ତାର ହୁଅ ନିଉଛାଳି
ଦୁଃଖ, ଶୋକ, ତାପ ଲେଶ ନ ରହିବ କର ମନ ! 'ଜୟଗୁରୁ' ଗାନ ।।୩।।

❖





(୫)

ବରଣ କରି ଶଙ୍କର
ଚରଣର ତଳେ ଶରଣ ମାଗେ କିଙ୍କର ।।୦।।

ବରଜି ଆନ ମନ ଅରଜି ଏକ ଧ୍ୟାନ
ମରଜି କର ଟାଣ ଗରଜି ଗୁଣ-ଗଣ
ଗାଇ ଯାଉ ପରାଣ ।
ଯା'ର ଶିର ଶୁଭଚନ୍ଦ୍ର ରଞ୍ଜନ
ମାର ଦାହନ ଗରବ ଗଞ୍ଜନ
ଧାର ଜାହ୍ନବୀ ଯା' ଜଟା ଭରେ
ହାର କଣ୍ଠରେ ଯା' ଅହିବରେ
ସେ ପଦେ ଲୋଟୁ ମୋ ଶିର ।।୧।।

ଛାର କରି ସଂସାର, ବାର କର୍ମ ଅସାର
ଗାର ନାମ ତାହାର, ହାର ହୃଦୟ ସାର
ହେଉ ନିଶି ବାସର ।
ଅମଳ ଶ୍ରୁତିତଟେ ନାଗ କୁଣ୍ଡଳ
ଅନଳ ଧକଧକ ନେତ୍ରମଣ୍ଡଳ
ଚରମ ବ୍ୟାଘ୍ରର ଅଙ୍ଗ ମଣ୍ଡନ
ଚରଣ-ରଜ ଭବ-ତାପ ଖଣ୍ଡନ
ହର ହେ ! ତ୍ରିତାପ ହର ।।୨।।

❖

(୬)

ଖୋଜିହେଲି ଏ ସାରା ସଂସାର
ନିରାଶ୍ରୟ ଜନ ପାଇଁ      ଛାୟା କାହିଁ ନାହିଁ ନାହିଁ
ଖୋଜିଲି ଗିରି, କାନନ, ଭୀମ ମରୁଥଳ
ଦଇବେ ଭେଟିଲେ ଶେଷେ କଳ୍ପତରୁ ମୂଳ
ସମ୍ପଦର ସାର ସେ ଯେ ଗୁରୁପଦତଳ ॥୧॥

ବୁଡିଗଲି ସୂକ୍ଷ୍ମ ଧିଆନରେ
ସମାଧି ରସର ଲାଗି,      ମନ ଅତି ଅନୁରାଗୀ
ଏତେକାଳ ପରେ ଆଜି ଆଖି ମେଲି ହେରେ
ରସ ପରିଣତି ଯେଉଁ ଦିବ୍ୟମୂରତିରେ
ଆତ୍ମାରାମ ଗୁରୁ ମୋର ସେ ଯେ ଧରତୀରେ ॥୨॥

ମନ୍ତ୍ର ଜପେ ମୁକତି ଆଶରେ
ଫଳ ନାହିଁ ତହିଁ କିଛି      ଏବେ ମୁଁ ମନେ ବାରୁଛି
ମୁକତି ସହଜ ଗୁରୁନାମ ଭଜନରେ
କିବା ଫଳ ଯାଗ, ଯଜ୍ଞ, ତୀର୍ଥ ସ୍ନାହାନରେ ?
ସବୁ ପରା ଠୁଳ ଗୁରୁପଦ-ସରୋଜରେ ॥୩॥

ନୟନରେ ସେ ଅଙ୍ଗ-ଝଲକ
ବିଳାସ ନ କଲେ ତହିଁ      ମନ ଭ୍ରାନ୍ତି ଘୁଞ୍ଚେ ନାହିଁ
ଚିନ୍ମୟର ଚଇତନ୍ୟ ହେଲେ ଜାଗରୂକ
ଅପସରି ଯିବ ହେଲେ ସବୁ ଚିନ୍ତା ଦକ
ଅମାଘେରା ଏ ପରାଣ ଲଭିବ ଆଲୋକ ॥୪॥

❖





(୭)

ଅନ୍ତର ରାଇଜେ ତୁମେ ନିତ୍ୟ ବିରାଜିତ
ରସନାରେ ଭକ୍ତି-ସୁଧା ଆସ୍ୱାଦ ନିରତ
ସର୍ବବ୍ୟାପୀ ରୂପଧାରୀ
ଶକ୍ତି, ଚଇତନ୍ୟ ଜ୍ଞାନ ଦେଉଛ ସଞ୍ଚାରି ॥୧॥

ଆବାହନ କରୁ ଶକ୍ତି ସଞ୍ଚାର ମନାସି
ଗ୍ରହଣ କର ଭକତି-ଅର୍ଘ୍ୟ ହୃଦେ ବସି
ଜ୍ଞାନଚକ୍ଷୁ କର ଦାନ
ଦିବ୍ୟ ନୟନେ ଲଭିବୁ ତବ ଦରଶନ ॥୨॥

ଜନତା କଲ୍ୟାଣ ହେଉ ଆହେ ଜନାର୍ଦ୍ଦନ !
ଶାସକେ କରନ୍ତୁ ନ୍ୟାୟେ ପୃଥିବୀ ଶାସନ
ଗୋ' ବ୍ରାହ୍ମଣ ହିତକର
ତବ ଜୟ ଘୋଷୁ ମୁଖେ ବିଶ୍ୱଚରାଚର ॥୩॥

ତୁମେ ହେ କଲ୍ୟାଣମୟ ଶିବ ସନାତନ
ନତଶିରେ କରୁଅଛୁ ଚରଣ ବନ୍ଦନ
ବିଶ୍ୱ ମଙ୍ଗଳଦାୟକ
ତୁମେ ସିନା ଏକା ଶାନ୍ତି-ସୁଖ ବିଧାୟକ ॥୪॥

❖

(୮)

ନନ୍ଦନବନ ପାରିଜାତ ତୁମେ, ବନ୍ଦନ ମୋର ଘେନ
ଅନ୍ଧ-ନୟନେ ରଞ୍ଜନ କର ଜ୍ଞାନର ଅଞ୍ଜନ ।।୦।।
ତୁମେ ସୁରଧୁନୀ ଧାର
ଧୁଅ ମୋହ ମାୟା ଘୋର
କଣ୍ଠରୁ ତବ 'ମା ଭୈ' 'ମା ଭୈ' ଶୁଣଇ ବ୍ୟଥିତ ଜନ
ନିଖିଳ ନୟନ ଆବାହନ କରେ ତବ ଶୁଭ ଆଗମନ ।।୧।।
ସ୍ୱପ୍ନର ତୁମେ ସତ୍ୟ
ସୃଷ୍ଟିର ତୁମେ ତତ୍ତ୍ୱ
ମୁକ୍ତିପିଆସୀ ହତାଶ ଜୀବନେ ଦୀପଶିଖା ତେଜିୟାନ
ବିଶ୍ୱଜନତା ଅଭୟ ଲଭଇ କରି 'ଜୟଗୁରୁ' ଗାନ ।।୨।।
ତୁମ ସଙ୍ଗୀତ ସୁର
ମଙ୍ଗଳମୟ ଚିର
ମୂର୍ଚ୍ଛନା ତା'ର ଚରାଚର ଛୁଇଁ କଲ୍ୟାଣ କରେ ଦାନ
ତାପିତ, ପୀଡିତ, ଦଳିତ ଜୀବନେ ଶାନ୍ତିର ଆଲେପନ ।।୩।।
ଯୁଗ ଧର୍ମର ରକ୍ଷୀ
ନିତ୍ୟର ତୁମେ ସାକ୍ଷୀ
ଅମର-ବାଣୀରେ ଅମିୟର ଧାର ବରଷ ଜଗଜୀବନ !
ନିଠୁର ନ ହୁଅ ଶରଣାଗତରେ, ଚରଣେ ଦିଅ ଶରଣ ।।୪।।

❖





(୯)

ନାହିଁ ନନ୍ଦନବନର ସୁମନ
ନାହିଁ ଚନ୍ଦନ ଚୁଆ
ଭକତି-ପୋଥିରେ ଡୋର ବନ୍ଧା ମୋର
ପ୍ରଣତି ଶିଖୁଛି ନୂଆ
ନାହିଁ ଚନ୍ଦନ ଚୁଆ ।।୦।।
କଲୁଷ-ଜଳଧି ଉର୍ମିରେ ମୁହିଁ
ଆସିଛି ପ୍ରିୟ ଗୋ ଆଜି ମଥା ଧୋଇ
ଦିଅ ପରା ତୁମେ ଚରଣ ପରଶ
ନ ବାରି ଛୁଆଁ-ଅଛୁଆଁ
ଦେଉଳ ଦୁଆରେ ଆସିଛି ଆଜି ମୁଁ
ଶୁଣି ଏଇ ଲୋକକୁହା
ନାହିଁ ଚନ୍ଦନ ଚୁଆ ।।୧।।
ନ ଦେଲେ ନ ଦିଅ ଚରଣ-ପରଶ
କଳଙ୍କ ରଟିବ ହେବ ଅପଯଶ
ଦୁରୁ ଘେନ ପ୍ରିୟ ! ବନ୍ଦନ ତେବେ
ମାନ ମୋର ସାନ କୁହା
ବନ ଫୁଲଟିଏ ଆଣିଛି ଭେଟିବି
ଭରା ଆଖିପାଣି ଧୂଆ
ନାହିଁ ଚନ୍ଦନ ଚୁଆ ।।୨।।

❖

(୧୦)

ମୋକ୍ଷ ମୋହର ଲକ୍ଷ୍ୟ ନୁହଁଇ ଗୁରୁ !
ଦୂର ନ କର ହେ ତୁମରି ପାଦ ତଳରୁ ॥୦॥

ଆସିବ ଯେ' ଦିନେ ଯିବ ସେ ମୁକର
ଅଢେଇ ଦିନର ସବୁ ଖେଳ ଘର
ସତ୍ୟ ନିରାଟ ମର ଦୁନିଆଁରେ
ନାହିଁ କିଛି ମରଣରୁ,
ମୁକୁଳି ଯାଏ ମୁଁ ତବ ପଦେ ନମି
ଏ ଭବ-ବନ୍ଧନରୁ ॥୧॥

ମୁଖ ନୁହେଁ, ମନ ରଟୁ ତବ ନାମ
କଳପନା ଦେଖୁ ଛବି ଅବିରାମ
ମୁଦିଲେ ନୟନ ପଲକ ଉହାଡେ
ସେ ମୂରତି ରୂପ ଧରୁ
ଘେନ ବନ୍ଦନ ଜଗତଗୁରୁ ହେ !
ତୁମେ ତ କଳ୍ପତରୁ ॥୨॥

❖



## ମହିମାଗାନ

ତାଙ୍କରି ମହିମା ଗାଇରେ ମନୁଆଁ
ତୋ ଜୀବନ ଯାଉ ପାହି
ତାଙ୍କ ପରି ତୋର ଅତି ଆପଣାର
କେ ଅଛି ବା ଆଉ କାହିଁ ?

(୧)

ପ୍ରଭୁ ହେ ! ତୁମରି ମହିମାମାନ
କୋଟି ଯୁଗେ କୋଟି ମୁଖ ତ ହାରିଛି
କେ ପାରିବ କରି ଗାନ ? ॥୦॥

ଅନନ୍ତକାଳ ଯା' ଅନନ୍ତ-ଗରିମା
ଅନ୍ତ ପାଇନାହିଁ କେହି
କଣାଟିଏ ତହୁଁ ଲେପିବି ମରମେ
ଏତିକି କରୁଣା-ସାଇଁ !
ମାଗୁଅଛ ଅକିଞ୍ଚନ ॥୧॥

ଶମନ-ବିଜୟୀ ଯେଉଁ ଶୁଭ ନାମ
ତୁଣ୍ଡରେ ସେ ନାମ ଧରି
ଅନ୍ତିମେ ଏ ଭବ- ଦୁସ୍ତର-ସାଗର
ଅବହେଳେ ଯିବି ତରି
ସତତ କରେ ଚିନ୍ତନ ॥୨॥

ଘେନ ଦୟାମୟ ! ଯତନେ ସାଇତା
ଫୁଲ-ଚନ୍ଦନ ମୋର
ପାପ-ତାପହାରୀ ଚରଣତଳରେ
ମାଗୁଛି ଲୋଟାଇ ଶିର
ଆଶା ମୋ କର ପୂରଣ ॥୩॥

❖

(୨)

କାତର ପରାଣେ ଡାକିଲେ ହେ ଦୟାମୟ !
ଦୁଃଖ, ଶୋକ, ତାପ ଅପସରେ ଭବ-ଭୟ ॥୦॥

ନୟନ ଆଗରେ ଶୁଭ ଚନ୍ଦ୍ରିକା ଖେଳେ
ମରମ-ସାଗରେ ନବ ତରଙ୍ଗ ଦୋଳେ
ଜୀବନେ ଜୀବନେ ହୁଏ ତ ପ୍ରେମ ଉଦୟ ॥୧॥

ଦୂରେ ଯାଏ କାହିଁ ପରାଣର ଯେତେ ବାଧା
ଭୁଲିଯାଏ ସତେ ନାମ ଗାଇ ତୃଷା, କ୍ଷୁଧା
ଆନନ୍ଦ, ଆନନ୍ଦ, ଆନନ୍ଦ ମିଳେ ଅକ୍ଷୟ ॥୨॥

ମନ-ସରୋବରେ ଫୁଟେ ଶତ ଶତଦଳ
ମଳୟ ପରଶି ପରାଣ କରେ ଶୀତଳ
ଦରଶନେ ଯେତେ ପାପ ତାପ ଲଭେ କ୍ଷୟ ॥୩॥

❖





(୩)

ହୃଦୟ-କମଳ ଆସନ ପାତି
ବସାଅ ରେ ! କରି ଯତନ ଅତି
ଜଳାଇ ତୁ ପଞ୍ଚମନର ବତୀ
ତିନିସଞ୍ଜେ କର ନିତି ଆରତି ଯେ,
ଭରି ତୁ ପରାଣ ମନ
ସେଇ ଅନୁପମ ଜୀବନ-ବନ୍ଧୁଆ, କର ତା' ମହିମାଗାନ ॥୧॥

ଧୋଇଦିଅ ସେହି ରଙ୍ଗ ଚରଣ
ନୟନ ନୀରରେ କର ବରଣ
ମାଗ ପଦତଳେ ଚିର ଶରଣ
(ସେ ଯେ) ପତିତପାବନ ଭବତାରଣ ଯେ,
ଅଥଳ ସାଗର ତରୀ
ସେହି ଏକା ବାହି ଜାଣେ ରେ ବାଉଳା ! କ୍ଷମାର ଆହୁଲା ଧରି ॥୨॥

ଅନ୍ଧ-ନୟନର ସେ ତ ଅଞ୍ଜନ
ପାପ-ଷଡ଼ରିପୁ ଗରଗଞ୍ଜନ
ନାମ ବହିଅଛି ଦୁଃଖ-ଭଞ୍ଜନ
ସେ ଏକା ଭକତ ହୃଦ-ରଞ୍ଜନ ଯେ,
ବତାଇ ଦିଅଇ ବାଟ
ସୁମନ, କୁମନ ମଝିରେ ନିରତ ସେ ପରା ବିବେକଛାଟ ॥୩॥

ତୁ ଯେ ପଥହରା ବଣା ବାଟୋଇ
ହତାଶ ବତାସ ଯାଉଛି ବହି
ଥକା-ମରା ପାଦେ ଶକତି ନାହିଁ
ଖୋଜି ବୁଲୁଥାଉ, ସାହା କେ କାହିଁ
ଉଆଁସ ଅନ୍ଧାର ରାତି ଯେ,
ପତର ଗହଳେ କାଳ-ଛଞ୍ଚାଣଟା ଡାକୁଛି ଥରାଇ ଛାତି ॥୪॥

ମନମୁନ ଏକ କରି ତୁ ବେଳେ
ଡାକ ଅତିଥିରେ ଏତିକିବେଳେ
ବାଟ ବତାଇବ ତୋତେ ସେ ବଳେ
କୋଟି କାଳଯମ ଯା' ପାଦତଳେ
ଜୁହାରଇ ନିତି ନିତି ଯେ,
ହସି ହସି ଆସି ତୋ ଘରେ ବସିବେ, ତା' ପାଦେ କର ପ୍ରଣତି ॥୫॥

❖





(୪)

ସୁଠାମ ସୁନ୍ଦର ଶ୍ରୀମୁଖ ଯା'ର
ଝରଇ ନୟନୁ କରୁଣା ଝର
ହେଉ ପଶୁ-ପକ୍ଷୀ ହେଉ ସେ ନର
ନ ମଣଇ ଯେହୁ ଆପଣା ପର
ମରତେ ଦେବତା ସେହି
ସରଗେ ଖୋଜିଲେ କୋଟିକେ ଗୋଟିଏ ସମସରି ତା'ର ନାହିଁ ॥୧॥

ପର ହିତ ଲାଗି ରିପୁ ଛଅଟି
ବୋଲମାନି ଯା'ର ଥାଆନ୍ତି ଖଟି
ପରଦୁଃଖେ ଯାଏ ଯା' ଛାତି ଫାଟି
ଦରଦର ଝରେ ଲୁହଧାରଟି
ମରତେ ଦେବତା ସେହି
ସରଗେ ଖୋଜିଲେ କୋଟିକେ ଗୋଟିଏ ସମସରି ତା'ର ନାହିଁ ॥୨॥

ମାନ, ଅପମାନ, ସମାନ ଯା'ର
ପରଘର ମଣେ ଆପଣା ଘର
ଦୁଃଖ ଦୁରୁଦିନେ ନୋହେ କାତର
ମୁଖରେ ବଖାଣେ ନାହିଁ ଚାତର
ମରତେ ଦେବତା ସେହି
ସରଗେ ଖୋଜିଲେ କୋଟିକେ ଗୋଟିଏ ସମସରି ତା'ର ନାହିଁ ॥୩॥

ଶିଶୁପରି ଯା'ର ସରଳ ମନ
କୂଟ କପଟର ନ ଥାଏ ଥାନ
ନାହିଁ କଳପନା, ମାନ ଗୁମାନ
ଜଗତ ହିତ ଯା' ସଦା ଧିଆନ
ମରତେ ଦେବତା ସେହି
ସରଗେ ଖୋଜିଲେ କୋଟିକେ ଗୋଟିଏ ସମସରି ତାର ନାହିଁ ॥୪॥

ପରଦୁଃଖ ମଣେ ଆପଣା ଦୁଃଖ
ଆନ ହେଲେ ସୁଖୀ ଯାହାର ସୁଖ
ପତାଇ ଦିଏ ଯେ ଆପଣା ବେକ
ରଖିବା ପାଇଁ କି ଆନର ଟେକ
ମରତେ ଦେବତା ସେହି
ସରଗେ ଖୋଜିଲେ କୋଟିକେ ଗୋଟିଏ ସମସରି ତା'ର ନାହିଁ ॥୫॥

❖





(୫)

କିଏ ଜାଣେ ସେ କିଭଳି ଜଣେ
କାହିଁ ଥାଏ ସେ କେଉଁ ଭୁବନେ ? ।୦।

କେତେ ଯୋଗୀ-ଋଷି ଦିବାନିଶି ଘୋଷି, ହାରିଗଲେ ଜଣେ ଜଣେ
ଜ୍ଞାନୀ-ବିଜ୍ଞାନୀଏ ଖୋଜି ନ ପାଇଲେ ଦରଶନ ତାର ଦିନେ ॥୧॥

ଆଦି ନାହିଁ ତାର, ଅନ୍ତ ନାହିଁ ତାର, ଘୂରିବୁଲେ ଏଣେତେଣେ
ବେଦରେ ନ ଥାଏ, ପୁରାଣେ ନ ଥାଏ, ନ ଥାଏ ସେ ଦେବଗଣେ ॥୨॥

ଥାଏ ସବୁଠାରେ, ନାହିଁ କେଉଁଠାରେ, ଖୋଜିଲେ ନ ମିଳେ କେଣେ
ଘଟେ ଘଟେ ତାର ଅରୂପ-ମନ୍ଦିର, ଗଢେ, ଭାଙ୍ଗେ ନିଜ ମନେ ॥୩॥

ପ୍ରେମର ଠାକୁର, ପ୍ରେମ କାରବାର ସାର ବୋଲି ଏକା ଜାଣେ
ତାହାରି ସେ ସଖା, ତାକୁ ଦିଏ ଦେଖା, ତାକୁ ଯେ ଆପଣା ମଣେ ॥୪॥

❖

(୬)

ମିଛେ ମିଛେ ଘୂରି ମରେ ମୁଁ ସିନା
ଇଚ୍ଛାମୟ ତୁମେ ଯହିଁ ତହିଁ ଥାଅ
ସବୁ ଜାଣୁ ଜାଣୁ ମୁଁ ଯେ ଅଜଣା ॥୦॥

ଚଉକତି ଖୋଜି ବୁଲେ ଦରଶନ ପାଇଁ
ତୁମେ ମୋତେ ଦେଖ, ରଖ, ବାରି ପାରେ ନାହିଁ
ଅତୁଳନ ସତେ ତୁମ କରୁଣା ! ॥୧॥

କୋଟି ଅପରାଧ ମୋର ନ ଧର ଗୋସାଇଁ !
କ୍ଷମା କର ହସି ହସି କୋଳରେ ବସାଇ
ସେ ଆଦର କେ କରିବ କଳନା ? ॥୨॥

ମଥା ପାତି ନେବି ଯେତେ ଦିଅ ଦୁଃଖ-ଭାର
ତେବେହେଲେ ନ ଛାଡ଼ିବି ସେ ବେନିପୟର
ଆହା ବୋଲି ସାହା ହେବ ତ ଜଣା ॥୩॥

❖





(୭)

ସୁଆଦ ତା'ର କେ ବାରିପାରେ
ନ ବୁଡ଼ିଲେ ଶ୍ୟାମ-ପ୍ରେମ-ସାଗରେ ॥୦॥

ଅତି ବିଚିତ୍ର ସେ କାହ୍ନୁ ପୀରତି
ରତି ବଢ଼ାଇ କରତଇ ଛାତି
ଆଖି ଆଡ଼ୁଆଳେ ହେଲେ ସେ ଥରେ ॥୧॥

ପଲକ ମାତ୍ରକେ ବିରହ ତା'ର
ଦହି ଦିଏ ତନୁ ମନ ମୁକର
(ତେବେ) କାହିଁକି କେଜାଣି ତା' ସଙ୍ଗ ଝୁରେ ॥୨॥

ପାସୋରି ନିଜରେ ଏକାନ୍ତେ ବସି
ବିରହୀ ତା' ନାମ ହୁଅଇ ଘୋଷି
(ପୁଣି) ଶୁଣିଲେ ତା' ନାମ ହୃଦୟ ଥରେ ॥୩॥

ସମରପି ମନ, ମାନ, ମହତ
ହୁଅଇ ଯେ ତା'ର ଶରଣାଗତ
ଠାବ ଲଭେ ରଙ୍ଗ-ଚରଣ ତଳେ ॥୪॥

❖

(୮)

ଅନ୍ତରେ ତା'ର ରୂପ ପରକାଶେ
ଆକାରେ ସେ ନିରାକାରା
ଦେଖିବାର ଯିଏ ଖୋଜି ଦେଖୁ ତା'ରେ
ସେଇ ମୋ ଜନନୀ ତାରା ॥୦॥

ଆକାଶ ଭରି ତା ରୂପ ପରକାଶେ
ଚିଦାନନ୍ଦମୟୀ ନାଚେ, କାନ୍ଦେ, ହସେ
ନାସା ଅନିଳରେ ଧମନୀ ତଳରେ
ଭରି ତନୁ ମନ ସାରା
ପଲକେ ପଲକେ କହିଦିଏ ଲୋକେ
ଚିର ଜାଗର ସେ ପରା ॥୧॥

ରୂପ ଯେବେ ତା'ର ଫୁଟଇ ଅନ୍ଧାରେ
ମେଘ କୋଳେ ସତେ ବିଜୁଳି ଆଖିଠାରେ
ମରମୁଁ ଝରାଏ ଭକତି ପୀରତି
ଝରଣାର ନୀର ଧାରା
ଦେଖିଲା ଆଖିର ଅଭୁଲା ତାରା ସେ
ଅଦେଖାର ସେ ପାସୋରା ॥୨॥

❖





(୯)

ପ୍ରଭୁ! କେତେ ସୁଖପାଅ ସତେ!
ଥଳ-କୂଳ କିଛି ପାଉ ତ ନାହିଁ ମୁଁ, ସେ କଥା ବିଚାରେ ଯେତେ ॥୦॥

ବାରି ନ ପାରୁଛି ଆସିଲ ତୁମେ ହେ! କେଉଁ ଶୁଭ ପରଭାତେ
ଖୋଜି ନାହିଁ, ମନେ ବସିଲ ଆସନେ ଲୁଚି ଆସି କେଉଁପଥେ? ॥୧॥

ଦୁନିଆଁ ସାରା ତ ମୁହଁ ଫେରାଇଛି ନ ଚାହିଁଛି ଦିନେ ମୋତେ
ପତିତ-ହୃଦୟ-ଘରେ କିସ ଭାଳି, ବିଜେ କଲ କେଉଁ ମତେ? ॥୨॥

ରିପୁକୁଳ ମୋର ଅତି ପରବଳ ମଇତ୍ର ମୁଖାରେ ଯେତେ
ସବୁ କଉଶଳ ଭାଙ୍ଗିଛ ତାଙ୍କର, ତୁମେ କରୁଣାର ହାତେ ॥୩॥

ଶାନ୍ତ ହୋଇ ମୁଁ, ଶାନ୍ତି ମନାସି ଚଉଦିଗେ ହାତ ପାତେଁ
କରୁଣା-ସଲିଳ ଢାଳିଦିଅ ତୁମେ କର ବୁଲାଇ ମୋ ମାଥେ ॥୪॥

କେବେ ସୁତ, ସୁତା, ଗୃହିଣୀ, ବନିତା, ନାନା ରୂପେ ନାନା ମତେ
ଅଭାବ ମଝିରେ ପରାଣମଣି ହେ! ଅଶିଷ ଢାଳୁଛ କେତେ ॥୫॥

ଆତ୍ମାର ତୁମେ ଆତ୍ମୀୟ ମୋର, ସତ୍ୟ ଜୀବନ-ପଥେ
ଶତ ଜନମର ପରାଣ-ଠାକୁର! ରହିଛ ଅନ୍ତରଗତେ ॥୬॥

❖

(୧୦)

କି ଦେଇ ପୂଜିବି କହ
ମନ, ଧନ ଯାହା ଅରପିବି ତାହା ତୁମେ କି ହେ ଦେଇନାହଁ ? ॥୦॥

ତୁମେ ତ କହୁଛ ତୁମେ କୁହାଉଛ
ତୁମେ ତ କରୁଛ, ତୁମେ କରାଉଛ
କି ବୋଲି, କିପରି ଡାକିବି ତୁମକୁ, ତୁମେ ହେ ବତାଇ ଦିଅ ॥୧॥

ମନଭରି ଯେବେ ଡାକିବି ବିଚାରେ
କାହୁଁ କିଏ ଆସି ଚଉକତି ଘେରେ
ମାୟାର ମୋହିନୀ ମୋହ-ଜାଲ ଛନ୍ଦି, ବନ୍ଦୀ କରେ ମୋର ଦେହ ॥୨॥

ଦୟାମୟ ତୁମେ ବୋଲାଉଛ ପରା
ପସାରିଛ କିମ୍ବା ମାୟାର ପସରା ?
ନିରିମମ ବୋଲି କହିଲେ ତୁମକୁ ଦୋଷ ଲେଖିବ କି ଦିଅଁ ? ॥୩॥

ଡରିଯାଅ ନାହିଁ ଜୀବନର ସାଇଁ
ବେଶି କିଛି ମୋର ମାଗିବାର ନାହିଁ
ପୂଜା ବଦଳରେ ଦିନ ଅନ୍ତେ ଥରେ ମନର ପ୍ରଣତି ନିଅ ॥୪॥

❖



# ମନଶିକ୍ଷା

ମନଶିକ୍ଷା ଅତି ମହତ ମନୁଆଁ
ସେ କଥାକୁ ଥରେ ଶୁଣ
ଏ ଭବ ମାୟାରୁ ମୁକତିର ପଥ
ଏକା ମନଶିକ୍ଷା ଜାଣ ।

(୧)

ଏ ନୟନ, ଅନା ଅନା ଭୁବନ ମୋହିନୀ ବାମା
ନୀଳ ନୀରଦ ଜିଣି ତ୍ରିନୟନ-ମୋହିନୀ
ନୀଳ-ନୟନୀ ରୂପ ଶ୍ୟାମା ।।୦।।

ନୀଳ-କମଳ ପଦ ଦଳିତ ଶମ୍ଭୁ-ମଦ
ନୀଳବସନା ହରନାରୀ
ନୀଳକଣ୍ଠେ ନୀଳ- ନାଗ-ହାର ଝଳି
ଆନନ ଶଶୀ-ଶିରୀହାରି
ଚାରୁ ନିତମ୍ବିନୀ ରାମା ।।୧।।

କାଳୀ କରାଳିନୀ ନରଶିରମାଳିନୀ
ଲୋକ-ରସନା ଜନ-ମାତା
ଡାକିନୀ, ଯୋଗିନୀ- ସଙ୍ଗ ବିଳାସିନୀ
ଶକ୍ତିମୟୀ ଜଗତ ଜିତା
ଖର୍ପରଧାରିଣୀ ଭୀମା ।।୨।।

ପାପ ବିନାଶିନୀ ତ୍ରିଭୁବନ ପାଳିନୀ
ଜୟ ଜନନୀ ଜଗଦ୍ଧାତ୍ରୀ
ସତତ କୃପାଳିନୀ ଭବ-ଭୟ ବାରିଣୀ
ଶରଣାଗତ-ଗତି ଦାତ୍ରୀ
ରଟ ତୁ ନିରତ ମୁଖେ ମା' ମା' ।।୩।।

❖

(୨)

ଭାସିଚାଲ ମନ ! ମହାକାଳର ତରଙ୍ଗେ
ଭୁଲିଯାଅ ମନୁ ଦୁନିଆର ନବରଙ୍ଗ ॥୦॥
ମୃତ୍ୟୁଞ୍ଜୟ ପଦ ଶରଣ ଯାହାର
ଛାର ମରଣରେ କିବା ତାର ଡର ?
ଚାଲ ତୁ ଭକତି-ଡୋରେ ପାଲ ଟାଣି
ଜୀବନ-ନାଆର ମଙ୍ଗେ ॥୧॥
ଯାତ୍ରାପଥରେ ନାହିଁ ଭୟ, ଭୀତି
ମେଲିଦିଅ ନାଆ ଟାଣକରି ଛାତି
ଅନନ୍ତ ଗୀତି ଗାଇ ଆନନ୍ଦେ
ସ୍ୱର ତାଳ ଲୟ ସଙ୍ଗେ ॥୨॥
ଡରାଇବ ପଥେ ଝଞ୍ଜା ପ୍ରଳୟ
ଯାତ୍ରୀ ରେ ! ତିଳେ ନ କର ତୁ ଭୟ
ଅଭୟ ଚରଣେ ଲୟ ରଖି, ମାଖ
ଅଭୟ ବିଭୂତି ଅଙ୍ଗେ ॥୩॥
ବରଷା, ବାଦଲ, ଘୋର ଅମାରାତି
ପଲକେ ଲୁଚିବ ଯେବେ ଦିବ୍ୟଜ୍ୟୋତିଃ
ଅନନ୍ତ ଗଗନ ସୀମା ପରଶିବ
ରସିବୁ ତା' ପରସଙ୍ଗେ ॥୪॥

❖





(୩)

ଦେଖି କହିଲୁ କିଏ ସେ ତୋର
ସାରା ଦୁନିଆଁ ତ ଯେ ଯାହାର ॥୦॥
ସୁଖ ପାଏ ତୋତେ ସେଇ ଏକା, ତୋର
ଦେହଟାକୁ ଲୋଭ ଯା'ର
ସୁଖ ପାଉ ତୁ ତ, ଖରା ବରଷାରୁ
ରଖେ ବୋଲି ତୋର ଘର
ମଡା ପୋଡା ବାସିଦିନରେ ମନୁଆଁ, କିଏ ସେ କହ କାହାର ?॥୧॥
ବେଳ ଥାଉଁ ଥାଉଁ ଥିରକର ବାବୁ !
ଆପଣାର ଯେ ତୋହର
ଜନମକାଳରୁ ମରଣ ଯାଏ ସେ
ସାଥୀ ଏକା ଜୀବନର
ସପନକୁ ସତ ମଣିରେ ମନୁଆଁ ! ମନୁ ତାକୁ ନ ପାଶୋର ॥୨॥
ସବୁଠାରୁ ସୁଖପାଏ ସେ ତ ତୋତେ
ସୁଖ, ଦୁଃଖ ସାଥୀ ଚିର
ଦିନକ ଭିତରେ ବାରେକ ମାତର
ଡାକି ତାକୁ ତୁ ପଚାର
ମନର ଆସନ ପାତି ରେ ମନୁଆଁ !
ତା ପାଦ ଆପନା କର ॥୩॥
ଫୁଲ ଫଳ ଲାଞ୍ଚ ଦେଇ ତାକୁ ସତେ
କରିବୁ କି ଆପଣାର ?
ଆଖି ମେଲି ଯାହା ବ୍ରହ୍ମାଣ୍ଡେ ଦେଖୁଛୁ
ସବୁ ଦରବ ତ ତା'ର
କି ଦେଲେ ତୋର ସେ ହେବ ରେ ମନୁଆଁ !
ତାକୁ ଏକା ତୁ ପଚାର ॥୪॥

❖

(୪)

ମନ, ଜାଣୁ ଜାଣୁ ସିନା ତୁ ହେଉଛୁ ବାଇ
ଅନ୍ଧ ପରାଏ ବୁଲୁ ବାଡି ହଜାଇ ॥୦॥

ହାରି ଗୁହାରି ତୋର
ସବୁ ତାକୁ ଗୋଚର
ବୋଝ ବାହି ତୁ ମିଛେ ମରୁ କିପାଇଁ ? ॥୧॥

ତାରିଲେ ତାରିବ ସେ
ମାରିଲେ ମାରିବ ସେ
ଶ୍ରୋତା ସେ, ବକତା ସେ, ଆନ କେ ନାହିଁ ॥୨॥

କଟାଅ କାଳ ହସି
ପ୍ରେମେ ତାର ବିଳସି
ମଥାରେ କରୁଣା ସେ ସଦା ଢାଳଇ ॥୩॥

ଶରଣ ତାର ଘେନ
କର ତୁ ମନ ଟାଣ
ତା ପାଦ ତଳେ ଦିଅ ଶିର ଲୁଟାଇ ॥୪॥

ଯାହା କରିବେ ସାଇଁ
କାହାରି ହାତ ନାହିଁ
ନିରତ ଏତିକି ତୁ ଘୋଷ ନିଠାଇ ॥୫॥

❖





(୫)

ମନ ରେ ! ଏ ବିଚାର କର ସାର
ରଟୁଥିଲେ ଖାଲି ନାମଟି ତାହାର
ମୁକତି ହେବ କି ତୋର ? ॥୦॥

କି ଫଳ ନିରତ ତା ନାମ ଜପିଲେ
ଆଦେଶଟି ତାର ତିଳେ ନ ପାଳିଲେ
ଯାହାଲାଗି ଯେଉଁ ଧରମ କରମ
ବିହି ଲିହିଛି ସେ ଗାର ॥୧॥

ଗୃହୀ ଯେବେ, ଗଢ ସୁ-ସାର ସଂସାର
ଚାଷୀ ଯେବେ, ଚାଷେ ମନ ଟାଣକର
କରମଟି ଅଟେ ଧରମ ଯେବେ ତା'
ଆଦେଶ ବୋଲି ବିଚାର ॥୨॥

କର୍ତ୍ତବ୍ୟ ପାଳନ ଜୀବନର ମୂଳ
ନ କରି ତା' ନାମ ଭଜି ନାହିଁ ଫଳ
ହୃଦୟଟି ସଦା ସରସ କର ତୁ
ସିଞ୍ଚି ତା'ର ପ୍ରେମ-ନୀର ।୩।

❖

(୬)

ବିବେକ-ଆଖି ତୁ ଖୋଲ ରେ ମନୁଆ !
ବିବେକ-ଆଖି ତୁ ଖୋଲ
ଅନ୍ଧାର ତୋର ଏ ହୃଦୟ-ମନ୍ଦିରେ
ଭକତିର ବତୀ ଜାଳ ରେ ॥୦॥
କମଳ-ଆସନେ ନିରେଖି ବିଜୟ
ଦୀନ-ଦୟାଳୁ ଠାକୁର
ଦୀନବନ୍ଧୁ ବୋଲି ଜଗତ-ଜନରେ
ବାନା ଉଡୁଅଛି ଯା'ର
ତୁଟିବ ତୋର ଜଞ୍ଜାଳ ॥୧॥
ସବୁ ମାୟା, ସବୁ ମୋହ ପାଶୋରି ତୁ
ଦୀନବନ୍ଧୁ ବୋଲି ଡାକ
ସରାଗ, ସେନେହ, ପୀରତି, ଭକତି
ଠୁଳାଇ ତା ପାଦେ ରଖ
ଏ କଥା ମନୁ ନ ଭୁଲ ॥୨॥
ଡାକିଲା ପରି ତୁ ଡାକି ପାରିଲେ ରେ
ମନ ଥୟ କରି ତୋର
ଟଳିଯିବ ତାର କମଳ ଆସନ
ସେ କି କରିପାରେ ପର ?
ସବୁରି ଯେ ଆପଣାର
ବୋଲ 'ଜୟଗୁରୁ' ବୋଲ ॥୩॥

❖





(୭)

ସାରା ବଗିଚାଟି ଫୁଲଭରା ଦେଖି
ରହିଲେ ଖାଲି ତୁ ଚାହିଁ
ନ ତୋଳିବୁ ଯେବେ ନ ଗୁନ୍ଥିବୁ ଯେବେ
ମାଳ ସେ ହୋଇବ କାହିଁ ? ॥୦॥
ଦୂର ଗଗନରେ ଚାନ୍ଦଶିରୀ ହେରି
ହାତ ତୁ ଦେଲେ ବଢାଇ
ଖସି ପଡିବ କି ତୋ ହାତରେ ଶଶୀ
ବାଉଳା ନ ହୁଅ ତୁହି ॥୧॥
ଅଳସ ଡାକରେ ଡାକି ଥକିଗଲେ
ସେ କି ଆସିବ ରେ ଧାଇଁ
ଆପଣା କରମେ ଅବଶ ହେଲେ ତା'
ଆସନ ଟଳିବ ନାହିଁ ॥୨॥
ହଳମୁଠା ଧରି ନ ଚଷିବୁ ଯେବେ
କର-ଚରଣ ମେଲାଇ
ଯେବେ ବରଷିଲେ ବରଷା ଜଳରେ
ଫଳ ଆଶା କାହିଁ ଥାଇ ? ॥୩॥
ଲଙ୍ଗର ପକାଇ ନାଆମଙ୍ଗରେ ତୁ
ଆହୁଲା ଦେଲେ ଚଳାଇ
ଭାଳିଲୁ ମନରେ, ଯେତେ ମନ କଲେ
ନାଆ କି ତିଳେ ଘୁଞ୍ଚଇ ? ॥୪॥
ନାଆମଙ୍ଗେ ପାଲ ଟାଣିଦେଇ ଯେବେ
ଖୁଣ୍ଟରୁ ଦେବୁ ଖସାଇ
ଦିଗ ନ ହୁଡିଲେ କୂଳେ ଲଗାଇବ
ଅଛି ସେ ତରାଇ ଭାଇ ॥୫॥

❖

(୮)

ମଉଳା ଜୀବନ ବେଳେ
ବୁଝୁଛି କାହିଁକି ଜଳି ପୋଡି ମଲି ଦୁଃଖର ଦାବାନଳେ ॥୦॥

ପାଦଯୁଗ ତବ ଧରି ନ ପାରିଲି ହୃଦେ
ସାରାଟି ଜୀବନ ସରିଗଲା ପରମାଦେ
ସେ ପଦ ଯେ ଧରେ ପାପ-ତାପ ତା'ରେ ପରଶି ପାରେ କି ତିଳେ ?
ମନଟି ଯାହାର ଅନୁଭବେ ତବ ଛାୟା
କ୍ଷଣ କି ସତେ ଛୁଇଁପାରେ ତା'ର କାୟା ?
ସାର କଲି ମନେ ପଡି ରହିଥିବି ତୁମରି ଚରଣତଳେ ॥୧॥

ଚୁମି ନ ପାରିଲେ ସେ ବେନି ପଦ-ରାଜୀବ
ବିଫଳ ସିନା ଏ ଜୀବନର ବଇଭବ
ପୋଡା ପାଉଁଶରେ ଘୃତର ଆହୁତି ଢାଳିବାର ଫଳ ଫଳେ ॥୨॥

❖





(୯)

ଗୁରୁନାମ ଜପ ରେ ବାଉଳା ମନ !
ଦୂର ହେବ ତୋର ମର-ଜନମ-କଦନ ॥୦॥
ଗୁରୁନାମ ରଟିବା କାଳେ
ଚିତ୍ତ ରଖ ସେ ପାଦମୂଳେ
ଧରାଧାମେ ଗୁରୁ ଅବତାର ଏକା
ମନ-ଆଶ କରିବାକୁ ପୂରଣ ॥୧॥

ରସନା ତୋ ନାମ-ଆସନ
ଚିତ୍ତ କରୁ ନାମ ନର୍ତ୍ତନ
ନାମ-ପ୍ରେମ-ନୀରେ ଅବଗାହନରେ
ପୂତ ହେବ ତୋର ମନ-ପରାଣ ॥୨॥

ମିଳି ଗୁରୁ-ଭକତ ତୁଲେ
ନାମାମୃତ ପିଅ ରେ ଭୋଳେ
ଏ ଭବ-ସାଗରେ ଗୁରୁକୃପା-ନାବ
ଭସାଇ ମୁକତି-ଅଞ୍ଚଳ ଟାଣ ॥୩॥

ଅନ୍ଧ ଏଇ ବେନି ନୟନ
ଲେପି ଦିଅ ଜ୍ଞାନ-ଅଞ୍ଜନ
ମୁକତିର ରାହା ଦେଖାଇବେ ଗୁରୁ
ଅନୁସର ସେହି କଞ୍ଜ-ଚରଣ ॥୪॥

❖

(୧୦)

ପରମ ସାଧନ ଅଟେ ଗୃହସ୍ଥ ଧରମ
ଆବର ଅଟଇ ନିତ୍ୟ-କରମ-ବିଧାନ
ଏ ଜଗତ-ତପୋବନ ପବିତ୍ର ତୀର୍ଥ ସମାନ
ପ୍ରେମର ଆଧାର ପରିବାରର ବନ୍ଧନ
ଅଟେ ତାହା ପ୍ରେମମୟ ପ୍ରେମ ନିକେତନ ।।୧।।

ଛିନ୍ନକର ମାୟା, ମୋହ, ସଂସାର ଜଞ୍ଜାଳ
ଦୂର କର ଚଉପାଶୁ ଷଡ଼ରିପୁଦଳ
ଆସକ୍ତି ବିଷୟା ଘୋର ପାଶରୁ ତୁ ଅପସର
ଘୁଞ୍ଚିଯିବ ଦୂରେ କାହିଁ ଜୀବର କଷଣ
ମୋକ୍ଷଧାମ ଲୋଡ଼ ଭଜି ଶ୍ରୀଗୁରୁଚରଣ ।।୨।।

ଆସୁ ଦୁଃଖ, ଆସୁ ସୁଖ, ଆସୁ ଯେବେ ଯାହା
ସମଭାବେ ଘେନାକର ଜୀବନରେ ତାହା
ବିଧିର ବିଚାର ସବୁ ଏତେ ହେତୁ ରଖ ବାବୁ !
ଗୁରୁବ୍ରହ୍ମ ମହାମନ୍ତ୍ର କର ସୁମରଣ
ସାହା ହେବ ନିତ୍ୟ ସେହି ସତ୍ୟ ସନାତନ ।।୩।।

❖



## ସମର୍ପଣ

ମନକୁ ଅର୍ପଣ କର ରେ ମନୁଆଁ
ଗୁରୁପଦେ ସମର୍ପଣ
ସେତିକି କରିଲେ ସବୁ ଭାର ତୋର
ଗୁରୁ ନେବେ ଅନୁକ୍ଷଣ ।

## (୧)

ସମ୍ପି ଦେଉଛି ପଦତଳେ ଜୀବନ
ସେବକ ବୋଲି ଘେନ ନ ଘେନ ॥୦॥

ସଂସାର ସୁଖ ବୋଲି
ଖେଳିଲି କେତେ ଭୁଲି
ଏବେ ସିନା ବାରିଲି
ମାୟା ସପନ ଖାଲି
ଦୟାନିଧି ! ଏଥର ଦିଅ ଭଲା ଶରଣ ॥୧॥

ଆପଣା ଜନ ଭାଳି
କଲି ଯାହାରେ ମାଳି
ନିଜ ପାଇଁ ସେ ଖାଲି
ଆଖିରେ ଦେଲା ବାଲି
ଦୟାନିଧି ! ଜାଣିଲି ମୋର ଏକା ଆପଣ ॥୨॥

ଅତି ଆରତେ ମୁହିଁ
ସିଂହ-ଦୁଆରେ ଥାଇ
କର ଯୋଡି ଜଣାଇ
ଡାକ ଛାଡେ ଗୋସାଇଁ !
ଦୟାନିଧି ! ଲୁଚି ନ ରହ କଞ୍ଜ-ବଦନ ॥୩॥

❖

(୨)

ମୁଁ ଯେ ତୁମରି ଏକା ହେ ସୁନ୍ଦର !
ତୁମରି ପ୍ରାଣର ଆବେଗ ସଞ୍ଚାରି ମୂରତି ଗଢିଛି ମୋହର ॥୦॥
ଖୋଜିବାକୁ ନିଜ-ଜନ ବୋଲି କାହିଁ
ତୁମ ବିନେ ଏ ଜଗତେ କେହି ନାହିଁ
ଏ ମୋ ତନୁ, ମନ ସବୁ ତୁମ ଦାନ, ବନ୍ଧା ମୁଁ ତୁମର ॥୧॥
ତୁମ ବିନେ ନାହିଁ କେହି ସ୍ୱତନ୍ତ୍ର
ତୁମେ ଏକା ଜୀବ-ବୀଣାର ତନ୍ତ୍ର
ତୁମେ ହେ ସତ୍ୟ, ତୁମେ ହେ ନିତ୍ୟ, ଆନ ଯେତେ ସେ ତ ଅସାର ॥୨॥
ମାୟା-ଜାଲ-ଘେରା ଭରା ଅହଙ୍କାର
ସବୁଥିରେ ଖାଲି ମୁଁ-କାର, ମୁଁ-କାର
ଦିନର ସପନେ ଭୁଲା-ମନ ମୋର, ଜାଣି ଜାଣି ଯାଏ ପାସୋର ॥୩॥
କହ ଆଉ କେତେ ଦିନ ବନ୍ଧୁ ! ମୋର
ଦୂରେ ଦୂରେ ଥାଇ କରିବ ଅନ୍ତର
ଚେତାଇ ଦିଅ ଏ ପରାଣେ ଏଥର 'ତୁମେ ମୋର, ମୁଁ ତୁମର' ॥୪॥
ତୁଟିଯାଉ ମୋର ଅନ୍ଧାରରଜନୀ
ତୁମ ଜ୍ୟୋତି-ରେଖା ହସାଉ ଅବନୀ
ଦେବତା ହେ! ଡାକେ ଶିର ପାତି ପଦେ, ପୂତ କର ମନ-ମନ୍ଦିର ॥୫॥

❖





(୩)

ତୁ ଏକା ନାଉରିଆ ଅଥଳ ନୀରେ
ତୋ ବିନେ ନାହିଁ ଆନ
କେ ତରୀ ଲଗାଏ ତୀରେ ? ॥୦॥
ଏକେ ତ ମେଘଭରା ଅମା-ଘେରା ରାତି
ଏ ମେଘେ ନାହିଁ ତାରା, ନାହିଁ ଚନ୍ଦ୍ରାବତୀ
ଉଭରା ପିଟେ ବାଆ
ପାଣି ଥରେ ଲହରୀରେ ॥୧॥
ଜାଣେ ନା କାହିଁ ଥାଉ କେତେ ଦୂରେ ଗାଆଁ
ଭରମେ ଥରେ ହେଲେ ଧରି ନାହିଁ ତୋ ନାଆଁ
ଶୁଣିଛି ଲୋକମୁଖେ
ତୋ' ଘର ସବୁରି ଘରେ ॥୨॥
ସୁଖରେ ଖୋଜି ନାହିଁ, ଡାକୁଛି ବିପଦେ ଆଜି
ମୋ ଟାଣ-ଦମ୍ଭ ଯେତେ ସବୁ ତ ଗଲାରୁ ଭାଜି
ସମ୍ଭାଲି ପଦେ ପ୍ରାଣ
ରଖ, ମାର ତୋ' ଖୁସିରେ ॥୩॥

❖

(୪)

ଭକତି-ତଟିନୀ-ଧାର
ଧୀରେ ବହେ ଅନିବାର
ଅବଗାହି ସେଇ ପ୍ରେମ-ନୀରେ, କର ଜୀବନ-ଦହନ ଦୂର ॥୦॥

ମଳିନତା ଯିବ ଧୋଇ
ସ୍ନିଗ୍ଧ ହେବ ଏ ଦେହୀ
ଭକ୍ତି-ନୀରେ ସ୍ନାନେ ଭକତ ମିଳନେ 'ଜୟଗୁରୁ' ଗାନ ଗାଇ ॥୧॥

ଭରମେ ପଥ ନ ହୁଡ
ଭକତି-ସ୍ରୋତରେ ବୁଡ
ପୂତ ବାରି ପିଇ ପୁଣ୍ୟଧାମେ ଚଲ, ବାରବୁଲାପଣ ଛାଡ଼ ॥୨॥

ମୁକ୍ତ ହେବ କେବେ ମନ
ମାୟା-ରଜ୍ଜୁ ହେବ ଛିନ୍ନ ?
ଭକତି-ନୀରରେ କରିଣ ସ୍ନାହାନ କରିବି ପୁଣ୍ୟଧାମେ ଅଭିଯାନ ॥୩॥

ଗୁରୁ ପଦ ଅନୁସରି
ସେହି ପଥେ ଯିବି ଚାଲି
ଗାଇବି ଆନନ୍ଦେ, ନାଚିବି ଆନନ୍ଦେ ପିଇ ନାମାମୃତ-ବାରି ॥୪॥

ଜୀବନ କରିବି ଦାନ
ଗୁରୁ-ସେବା କରି ପଣ
କେବେ ଏ ହୃଦୟ ହୋଇବ ମୋହର, ଗୁରୁଙ୍କ ଭ୍ରମଣସ୍ଥାନ ? ॥୫॥

❖





(୫)

ବନ-ଗମନ ଛାଡି ମୁଁ କରିବି ମନ-ଗମନ
ଗୃହ-ଲକ୍ଷ୍ମୀ ଘେନି ଘର ବାନ୍ଧିବି, କଲି ମୁଁ ପଣ ॥୦॥

ଥିଲେ ଯେ ଭଗାରିପଣେ ସାହା ହେବେ ସେହିମାନେ
ସବୁରି ଆନନ୍ଦେ ସୁଖୀ ହେବ ମୋ ଦେବତା-ମନ ॥୧॥

ସଂସାର-ଜଞ୍ଜାଳ ନେଇ ତାଙ୍କ ପଦେ ବଳି ଦେଇ
ତାଙ୍କରି ବଚନ ପାଳି ହେବି ମୁଁ ସେବକ-ଜନ ॥୨॥

ନିତି ନିତି ପ୍ରେମାନନ୍ଦେ ସମ୍ପି ମନ ତାଙ୍କ ପଦେ
ତାଙ୍କରି ସନ୍ତାନ ତୁଲେ ମିଶି ସୁଖେ ନେବି ଦିନ ॥୩॥

ସେହି ରୂପ ଘରେ ଘରେ ଦେଖିବି ମମତା-ଭୋଳେ
'ଜୟଗୁରୁ' ବୋଲି ଡାକି, ହେବି ମୁଁ ପ୍ରେମେ-ମଗନ ॥୪॥

❖

(୬)

ସେ ଅଛନ୍ତି କି ନାହିଁ ଯେବେ ତୁ ଭାଳି ହୋଇଲୁ ବାବୁ,
ପାଇବୁ କେବେ ତା' ସନ୍ଦେଶ ମୋହ-ବ୍ୟାଧି ଭୁଲିବୁ ॥୧॥
ଭବ-ନଦୀ ପାର ହେବାକୁ କାହିଁ ନାଉରୀ କହ,
ନ ଡରିବୁ କା'ରେ ଚାହିଁ ତୁ ଯମ ଶାସନ ଭୟ ॥୨॥
ଜୀବନ ଅନ୍ଧାର ରାତିରେ କିଏ ଜାଳିବ ବତୀ ?
ଏ ଘର, ଏ ପୁର ତେଜିଲେ କିଏ ହେବ ତୋ ସାଥୀ ? ॥୩॥
ଆଜି ଛାଡି କାଲି ଭାଙ୍ଗିଲେ ଦେହ-ରଥଟି ତୋର
ବାଟ ମଣାଇବ କିଏ ସେ, କାହିଁ ସାରଥି ତାର ? ॥୪॥
ଦି' ଦିନିଆ ତୋର ସମ୍ପଦ ଯିବ ଉଭାଇ କାଲି
ପାଣିଫୋଟକାର ଜୀବ ତୁ, ଯାଉ କାହିଁକି ଭୁଲି ? ॥୫॥
ମୋହ ସପନରୁ ଚେତାଇ କିଏ ଦେବ ଉଠାଇ
ଶମନରେ ଦେବୁ ଭୁଲାଇ କାହା ନାମ ତୁ ଗାଇ ? ॥୬॥
ପଲକେ ପଲକେ ଆୟୁଷ ସରି ଯାଉଛି ପରା
ଜ୍ଞାନ-ବୁଦ୍ଧି-ମତି ହଜିଲେ କିଏ ହେବ ସାହାରା ? ॥୭॥
ଦାରା-ସୁତ-ସୁତା ସଭିଙ୍କି ଆଜି କହୁଛୁ ମୋର
ଆଖି ମୁଦିଲେ ତୁ କେହି କି ଯିବେ ସାଥି ରେ ତୋର ? ॥୮॥
ବେଳ ଥାଉଁ ବନ୍ଧ ବାନ୍ଧରେ ମାଡି ଆସୁଛି ନଈ
ମାୟା-ନାଆରେ ତୁ ବସିଲେ କୂଳ ପାଇବୁ କାହିଁ ? ॥୯॥
ସ୍ୱାର୍ଥର ବନ୍ଧନ ସଂସାର ପରମାର୍ଥ ସପନ
ମୁକତି ଲାଗି ତୁ ଘେନ ରେ ଗୁରୁପଦେ ଶରଣ ॥୧୦॥

❖





(୭)

ବନ୍ଧୁ ! ତୁମେ ମୋର ପରାଣର ପ୍ରିୟ
ତୁମ ବିନେ କିପରି ମୁଁ ଧରିବି ଏ ଦେହ ? ॥୦॥

ଅବଗାହି ନିତି ତୁମ ପ୍ରେମ-ଜଳଧିରେ
ସନ୍ତରିବି ମୀନ ସରି ସେ ଅଥଳ ନୀରେ
ଭସାଇ ନେବ ଏ ଜୀବ ପ୍ରେମ-ନଦୀ ସୁଅ ॥୧॥

ସାଇତି ରଖିବି ବୁକେ ଆଦର ସୋହାଗେ
ଚୁମିବି ଚରଣତଳ ମନ-ଅନୁରାଗେ
ପୁଲକି ଉଠିବ ତନୁ, ଥରେ ଯେବେ ଚାହଁ ॥୨॥

ତୁମ ନାମ-ସୁଧାରସ ପିଇ ହେବି ଭୋଳ
ଝୁଲାଇବି ପ୍ରିୟ ମୋର ନିତି କରି କୋଳ
ହେରିବି ନୟନେ ଜ୍ଞାନ-ଚନ୍ଦ୍ରମା ଉଦୟ ॥୩॥

ଆପଣାରେ ଭୁଲି କେବେ ହେବି ମୁଁ ତୁମର ?
ଏ ମର ତନୁରେ ତୁମେ ବାନ୍ଧିବ ହେ ଘର
ପଖାଳିବ ସେ ପୟରେ ଏ ମୋ ଆଖିଲୁହ ॥୪॥

❖

(୮)

ବାଉଳା, ଥିବା ଯାଏ ଏ ଜୀବନ
ନୟନକୁ କହ, ଦେଖୁଥାଉ ତାର କମଛବି ନିତିଦିନ ॥୦॥

କାନ ଶୁଣୁ ତା'ର ଅମିୟ ବଚନ
କଣ୍ଠ କରୁ ତା'ର ସଙ୍ଗୀତ ଗାୟନ
ଜୀବନର ଯେତେ ସରାଗ, ସୋହାଗ କର ତା'ରେ ଅରପଣ ॥୧॥

ଆସିବ ବୋଲି ସେ ନିଦଭୁଲା ରାତି
ଚେତି ବସିଥାଅ ଫୁଲଶେଯ ପାତି
ପ୍ରଣବ-ଧ୍ୱନିରେ ମୁରଲୀ ନିନାଦ ଶୁଣିବାକୁ ପାତି କାନ ॥୨॥

ଜାଗରଣେ ଅବା ସପନରେ ତୋର
ଆଶ କର ସଦା ଦରଶନ ତା'ର
ଶିହରି ଉଠୁ ତୋ ତନୁ, ଅନୁଭବି ତା'ର ପ୍ରେମ ଆଲିଙ୍ଗନ ॥୩॥

ଆଖିରେ, ମନରେ, ଅନ୍ତରେ, ବାହାରେ
କାମନା ନାହିଁ ଯା' ତା' ବିନା ଆନରେ
ସଫଳ ଏକା ତା' ଜୀବନ, ଜନମ ସଫଳ ତା'ର ସାଧନ ॥୪॥

❖





(୯)

ଚରଣତଳରେ ତୋର
ଧନ-ମାନ-ଯଶ-ପଉରୁଷ ବୋଲି
ସମ୍ପଦ ଯାହା ବୋଲ
ସବୁତକ ଠୁଳ ମୋର ॥୦॥

ସୁମରିଲେ ତୋର ଶ୍ରୀପଦ-ପଙ୍କଜ
କୁବେର-ଭଣ୍ଡାର ପାଏ
ତେଣୁ ସିନା ମାଆ ତାରା ତ୍ରିନୟନୀ !
ମଧୁର ତୋ ନାମ ଗାଏ
ପାସୋରିଲେ ତିଳେ, ଜୀବନ-ମେଘରେ
ଘେରି ଆସେ ଅମା ଘୋର ॥୧॥

ମାଗୁଣି ମାତର ଘେନ ମାଆ ମୋର
ଦିଅ ଶ୍ରୀଚରଣ ଛାଇ
ତିନି ଜଗତର ସମ୍ପଦ ବଦଳେ
ଆଉ କିଛି ଲୋଡା ନାହିଁ
ଚରଣ-ଶରଣ-ଗତି ହେଉ ମୋର
ନିବେଦନ ଘେନାକର ॥୨॥

❖

(୧୦)

ଅରପିଲି ତବ ଚରଣେ ପରାଣ, ଦେହ ତୁଳେ ମନ ମୋର
ହେରିବି ତୁମକୁ, ସେବିବି ତୁମକୁ, ଏ ମୋର କାମନା ସାର ।।ଠ।।

ପାଳିବି ନିରତ ଆଦେଶ ତୁମର
ଶୁଣିବି ବିବେକ-ମୁରଲୀର ସ୍ୱର
ଶୟନେ, ସପନେ ଅବା ଜାଗରଣେ
ସେ ସୁରେ ଭରୁ ଅନ୍ତର ।।୧।।

ତବ ପୂତ-ନୀରେ କରିବି ସ୍ନାହାନ
ପ୍ରେମ-ସୁଧା ଧାର କରୁଥିବି ପାନ
ଏ ତନୁ ଆଦରୁ ବଇରାଗ୍ୟ ପନ୍ଥା
କରୁଣା କର ଠାକୁର ! ।।୨।।

ଅରୂପ ରୂପର ସାଗରର ନୀରେ
ଆଗେ ବୁଡ଼ି, ବୁଡ଼ାଇବି ମୁଁ ଅପରେ
ଭସାଇବି ପ୍ରେମେ ଜଗତ-ଜନରେ
ତେଜି ଲୋକ ଲାଜ, ଡର ।।୩।।

❖



## ନିବେଦନ

ସଦ୍‌ଜ୍ଞାନ ପାଇଁ ନିବେଦ ମନୁଆଁ
ଶ୍ରୀଗୁରୁଙ୍କ ଶ୍ରୀପୟରେ
ତାଙ୍କ କୃପା ହେଲେ ଜ୍ଞାନ ବିକଶିବ
ତୋର ଅନ୍ତର ମନ୍ଦିରେ ।

(୧)

ହେ ଦେବତା ! ଏତିକି ମାଗୁଣି ଖାଲି
ଘୁମର ଅମଳ ତୁଟାଇ ଦିଅ ହେ, ଚାହିଁବି ନୟନ ମେଲି ॥୦॥

ପିତା ପରା ତୁମେ, ନ ହୁଅ ନିଠୁର
ଭେଟିବି ବୋଲି ମୁଁ ନିରତ ଆତୁର
ଆଶିଷ ତୁମର ପାଉଛି ସତତ, ଖୋଜେ କାହିଁ ତୁମେ ବୋଲି॥୧॥

ରହି ଦୂରେ ଦୂରେ ଅଗୋଚର କାହିଁ
ସୁଖ ଦୁଃଖ ଭଲ ମନ୍ଦ ବୁଝ ସାଇଁ
ଦେଖି ତ ନ ପାରେ ଆଖିରେ ମୋହର ଭରିଛି ମୋହର ବାଲି ॥୨॥

ଏ କି ଜାତି ପ୍ରେମ ବୁଝି ତ ନ ପାରେ
କଳନାକୁ ଜ୍ଞାନ, ବୁଦ୍ଧି, ମତି ହାରେ
ଛଳନା ନ କର କରୁଣାମୟ ହେ ! ଝୁରି ଝୁରି ନିତି ମଲି ॥୩॥

❖

(୨)

(ମୋତେ) ସେ ରୂପେ ଦିଅ ଦରଶନ
ଚେତି ଉଠି ଫୁଟେ ହେରି ଯା'ରେ ମଉଳା ସୁମନ ॥୦॥

ଅମା-ଘେରା ମନ-ମେଘେ ଯେ ରୂପେ ହସାଏ ଚାନ୍ଦ
ଭକତ-ମାନସ-ଘରେ ଜଗାଏ ପରମାନନ୍ଦ
ଶୋକ, ତାପ ଦୂରେ ଘୁଞ୍ଚେ, ଲଭି ଯା'ର ପରସନ୍ନ ॥୧॥

ଜୁଆର ଉଠଇ ପ୍ରେମ-ଦରିଆରେ ନିତିଦିନ
ଯେ ମୂରତି ଉଦୟରେ ବିଳୟ ନାହିଁ ଲିଖନ
ନୟନ ଖୋଜଇ ସେହି କମଠାମ ବିଲୋକନ ॥୨॥

ଜଗତର ପାପଭୟ ହେରି ଯା'ରେ ଅପସରେ
ଲାଜ-ଡର-ଭୁଲା ସେହି ମୂରତି ମନ-ମୋହନ
ଆଖି ତାରା ଖୋଜି ବୁଲେ କାହିଁ ସେହି ଅପଘନ ॥୩॥

ବାଉଳା ହେବି ଯେ ରୂପ ହେରି ଶୟନେ, ସ୍ୱପନେ
ନାଚିବି ପ୍ରେମ ବିଭୋରେ ଯାହାର ନାମ ଗାୟନେ
କାନ, ନୟନ ବିବାଦ ଯା' ଦେଖି ହେବ ଭଞ୍ଜନ ॥୪॥

❖





(୩)

ବିତୁ ନିଶିଦିନ ସେବାରେ ତୁମର
ମାଗୁଣି ଚରଣେ ଏତେ
ସାରା ଜୀବନର ମନନେ, କରମେ
ଅନାଅଁ ଅନୁବରତେ ॥୦॥

ତୁମରି ଆଶିଷେ, ତୁମରି ଦୟାରେ
ସତ ବା ଅସତ ଯାହା ଏ ହିଆରେ
ହେଉ ସେ ମହତ, ହେଉ ପୁଣ୍ୟପୂତ
ଦୂରେ ଯାଉ ବାଧା ଯେତେ ॥୧॥

ତୁମେ ହୁଅ ଗୁରୋ ! ଚିର ପରସନ୍ନ
ତବ ତେଜେ ଫୁଟୁ ହୃଦୟ-ପ୍ରସୂନ
କୃପା ବଳେ ତବ ଭକତି-ମଳୟ
ବିହରୁ ଚିର ଏ ଚିତ୍ତେ ॥୨॥

କରୁଣା କର ହେ କରୁଣା-ନିଧାନ !
ଲେପି ଏ ନୟନେ ଜ୍ଞାନର ଅଞ୍ଜନ
ମୁକତି ପଥର ଆଲୋକ ଦେଖାଅ
ପ୍ରଣତ ଜନେ ତୁରିତେ ॥୩॥

❖

(୪)

ଏତେ ଦିନେ କି ହେ ବନ୍ଧୁ ! ପଡ଼ିଲା ମନେ
ଛଳଛଳ ନୀର କିମ୍ପା କମ-ନୟନେ ? ॥୦॥
ଗୋପନେ ମରମ ତଳେ
ସପନ-ବେଦନା ଖେଳେ
ମଣିଥିଲି ସେ ଏକା ମୋ ସାଥୀ ଜୀବନେ;
କାନ୍ଦିଛି କେତେ ମୁଁ ସତେ
ବନ୍ଦି ମୁଁ କହିଛି କେତେ
ନାଶ ମୋ ବିରହଜ୍ୱାଳା, ଆସ ସଦନେ ॥୧॥
ଦୂରେ ଦୂରେ ଥାଅ ରହି
ଡାକିଲେ ଉତ୍ତର ନାହିଁ
ଏବେ ପଡ଼ିଲା କି ମୋର ଡାକ ଶ୍ରବଣେ ?
ନୀରଆଖି ତଳେ ମୋର
ଧରା ପଡ଼ିଛ ଏଥର
ଆଉ କାହିଁ ପଳାଇବ କହ ବଦନେ ? ॥୨॥
ଆତୁର ମୋ ଲାଗି ପରା
ବହେ ତ' ଲୋତକ ଧାରା
ଝିଲି, ପାରିଛ ବାରି ମୋର ମରମେ ॥୩॥
ସତ କହ ହେ ଠାକୁର !
ଆଉ ନ କରିବ ପର
ଠାବ ଦେବ ନିରବଧି ରଙ୍ଗ ଚରଣେ
ଜନମେ ଜନମେ ଥିବ ସାଥୀ ଜୀବନେ ॥୪॥

❖





(୫)

ଶୟନେ, ସ୍ୱପନେ, ଜୀବନେ, ମରଣେ
ସାହା ଏକା ତୁମେ ମୋର
ସାଧନ, ପୂଜନ, ଆରାଧନ ଯାହା
ସବୁ ତ ତୁମ ପୟର ॥୦॥

ଜନମରେ ତୁମେ, ମରଣରେ ତୁମେ
ଜୀବନରେ ତୁମେ, ସାହା ମରୁଭୂମେ
ସସାଗରା ଧରା ତୁମ ପ୍ରୀତିଭରା
ତୁମରି ରସେ ବିଭୋର ॥୧॥

ତୁମରି ମୂରତି ତୁମରି ପୀରତି
ତୁମ ଦୟା ନିତି, ତୁମରି ବିଭୂତି
ହେରେ ଯହିଁ ତହିଁ ଆନ କିଛି ନାହିଁ
ତୁମେ ତ କାୟା ଭବର ॥୨॥

ମରମରେ ମୋର ବିରାଜି ଠାକୁର !
ସାରା ଜୀବନର ସେବା ଘେନାକର
ଏତିକି ମିନତି ଅଥିର ଏ ମତି
ରହୁ ତବ ପଦେ ଥିର ॥୩॥

❖

(୬)

ମରମ ମଝିରେ ବିରାଜିତ ତୁମେ
ତେବେ ହେଲେ ଖୋଜି ମରେ
ଶୟନେ, ସ୍ୱପନେ, ଜାଗରେ, ଧିଆନେ
ଦରଶନ ନିତି ଝୁରେଁ ।।୦।।

କାଞ୍ଚନ ମଣିର ବଦଳେ କାଚର
କଣିରେ ଯତନ କରେ
କାହିଁ କାହିଁ ବୋଲି ସୁଖ ଖୋଜୁଥାଇ
ନ ଚାହିଁ ଅନ୍ତର-ଘରେ ।।୧।।

ସୁରଧୁନୀ ନୀରେ ବୁଡି ନିରନ୍ତରେ
ଆଶା ପିଆସା ନ ମରେ
ଜୀବ ଯିବ ମଣେ; ଉପାୟ ବିହୀନେ
ଚରଣ ତବ ସୁମରେ ।।୨।।

ଅବଶ-ଜୀବନେ ଶକତି ମାଗୁଛି
ଯୋଡ଼ି କର ପଦତଳେ
ରୂପ ପରକାଶ ପାପରାଶି ନାଶ
ଯାଉ ଅନ୍ଧକାର ଦୂରେ ।।୩।।

❖





(୭)

ମାଗୁଣି ଏତେ ମାତର
ଗୁରୁଦେବ ! କୃପା କର ।।୦।।

ତୁମରି ଧିଆନ ଫଳରେ ଏ ମନେ ଶକତି ଲଭିବି ଯେବେ
ସୁଖେ ମୋର ତାହା ନ ଲଗାଇ ଜନ-ହିତେ ଅରପିବି ତେବେ
ସରଗ ମୋ ମନ-ଘର
ଲୁଚି ରହିଅଛି ଅନ୍ତର ମଝିରେ, ଆଖି ଦିଅ ଚିହ୍ନିବାର ।।୧।।

ରିପୁକୁଳ ସଦା ବାଟ ଓଗାଳନ୍ତି ଏ ମନ-ରାଇଜେ ଥାଇ
(ହେ) ହୃଦୟ-ଦେବତା ! ତଡିଦିଅ ତାଙ୍କ ପ୍ରଭାବ, ତାଡ଼ନା ଦେଇ ।
ସେବା କରି ଜଗତର
ସଫଳ ହେଉ ଏ ଜୀବନ, ଜନମ, ଦିଅ ପ୍ରଭୁ ! ଏହି ବର ।।୨।।

ବିଶ୍ୱନାଥ ହେ ! ବିଶ୍ୱ ରୂପରେ ତୁମେ ବିରାଜିତ ନିତ୍ୟ
ତୁମେ ହେ ଧର୍ମ, ତୁମେ ହେ କର୍ମ, ତୁମେ ତ ସୁ-ଚିର ସତ୍ୟ
ଦିଅ ହେ ଶୁଭ ମନ୍ତର
ସୃଷ୍ଟି ମଝିରେ ପର, ଆପଣାର ଭେଦ ନ ରଖୁ ଅନ୍ତର ।।୩।।

❖

(୮)

ଚରଣେ ଶରଣ ଦିଅ ପତିତପାବନ !
ଅନ୍ତର୍ଯ୍ୟାମୀ ନାଥ ମୋର ଜୀବର ଜୀବନ ॥୦॥

ଜାଣିଛି ମୁଁ ଭଲ କରି
ପାପୀ ନାହିଁ ମୋହ ସରି
ଜଗତ ନୟନେ ତେଣୁ ଘୃଣିତ ପରାଣ
ଅନ୍ତିମ ଭରସା ମୋର ଆହେ ନାରାୟଣ
ବାଞ୍ଛା କଳ୍ପତରୁ ତୁମେ ପରା ଜନାର୍ଦ୍ଦନ ॥୧॥

ଭକତି କାହାକୁ କହି
ସେତକ ମୁଁ ଶିଖିନାହିଁ
ଗରବ ମନରେ ମୋର ଯା'ର ମୁଁ ସନ୍ତାନ
ମୋ ପିତା ସେ ତ୍ରିଜଗତେ ଏକା ବଡ଼ ଜନ
ହେଳାରେ ଡାକିଲେ, ହେଲେ ଡେରିବେ ଶ୍ରବଣ ॥୨॥

ମାୟାର ବନ୍ଧନ ମୋର
ଦୂର ହେଉ, ଦୂର କର
ଅପରାଧ କ୍ଷମା କର କରୁଣା-ନିଧାନ !
କଣ୍ଠେ ଭରିଦିଅ ଦେବ, ତବ ଜୟଗାନ
କରଯୋଡ଼ି ଏହି ଭିକ୍ଷା ମାଗେ ଅକିଞ୍ଚନ ॥୩॥





(୯)

କେବେ ଆସିବ ସେ ଦିନ
କେବେ ଆଉ କହ, ତୁଟିବ ମନରୁ
ଜଗତ-ମାୟା ବନ୍ଧନ ? ॥୦॥

ଦୂର ହେବ କେବେ ଜୀବନରୁ ସତେ
ବିଷୟ-ବାସନାମାନ
କାମ-କ୍ରୋଧ, ଲୋଭ ଆଦି ଷଡ଼ରିପୁ
ନ କରିବେ ଅଚେତନ ? ॥୧॥

ପ୍ରପଞ୍ଚମାୟାରେ ଘେରା ଏ ଜୀବନ
ପାସୋରିବି ଧନ, ଜନ
ସାରାଜନମର ତୃଷା ହେବ ଦୂର
କରି ନାମାମୃତ ପାନ ॥୨॥

ଅମଳ-କମଳ-ଚରଣଯୁଗଳ
ହେରୁଥିବ ଏ ନୟନ
କୁସୁମ-କୋମଳ-ତଳପ ମଣିବି
ପଦ-ଧୂଳିକଣା ମାନ ॥୩॥

ଭାଇ-ବନ୍ଧୁ ଗୃହ-ଜଞ୍ଜାଳ-ଜାଲରୁ
ମୁକତ ହେବ ଜୀବନ
'ତୁମେ ହେ ଶରଣ', 'ତୁମେ ହେ ଶରଣ'
ରଟୁଥିବି ନିଶିଦିନ ॥୪॥

(୧୦)

କାମନା, ବାସନା ସାରା ଜୀବନର ତବ ପଦ ଦରଶନ
ଅନ୍ତିମଦିନେ ତୁମେ ଦୟାମୟ ! ଚାହିଁବ ମେଲି ନୟନ ॥୦॥

ସାଧନ, ଭଜନ, ପୂଜନ ସକଳ
ଛାଡିଦେଇ ମୁଁ ଯେ କରିଅଛି ମୂଳ
ପ୍ରତି ନିଃଶ୍ୱାସରେ ତୁମ ନାମ ଜପୁଥିବି ବସି ଅନୁଦିନ
ଶେଷ ହେଉ ସେହି ନିଃଶ୍ୱାସ ମୋର, କରି ତୁମ ନାମ ଗାନ ॥୧॥

ଆଶା ମୋର ଆନେ, ନାହିଁ କୃପାସିନ୍ଧୁ !
ମାଗୁଣି ମାତର କରୁଣାର ବିନ୍ଦୁ
ଚାଖିଛି ଥରେ ଯେ ତବ ପଦ ମଧୁ, ସେ କି ଆଶାକରେ ଆନ ?
ନାମ-ମକରନ୍ଦ ପାନେ ବିଭୋର ସେ, ଛାର ତା' ସଂସାର-ଜ୍ଞାନ ॥୨॥

ଭକତ ତୁମର ଜଗତେ ଯେ ଜନ
ତୁମରି ସ୍ନେହରେ ଭରା ତା'ର ମନ
ତୁମ ବିନେ ପ୍ରେମ-ବାରିଧି ଜଳରେ ଭସାଇବ କିଏ ଆନ ?
ନିରାଶ ନ କର ଜଗବନ୍ଧନ ହେ ! ଅଭିଳାଷ ଏତେ ଘେନ ॥୩॥

❖



## କ୍ଷମା-ପ୍ରାର୍ଥନା

ସବୁ ଅପରାଧ ଜଣାଇ ମନୁଆଁ
କର ତୁ କ୍ଷମାପ୍ରାର୍ଥନା
ଦୟାବହି ଗୁରୁ ପୋଛିନେବେ ତୋର
ମନର ଯେତେ ଯାତନା ।

(୯)

ମନ-ମନ୍ଦିର ସପତ ଦୁଆର ଛାଏଁ ଛାଏଁ ଯାଏ ମେଲି
ତୁମେ ଯେବେ ସଖା ହସିହସି ଦିଅ ମରମ-କିଳିଣି ଖୋଲି ॥୦॥

ମୁକୁଳା ଦୁଆର ଉହାଡରେ ଥାଇ ସତେ
ଦରଦର ହସି କିଏ ସେ ଅନାଏଁ ମୋତେ ?
ସପନ କି ସତ, ମୁଦା ଅବା ମେଲା ଆଖି, ବାରି ନ ପାରିଲି
ଜୀବନ-ମରଣ ଚିର ପରିଚିତ ଛବି ସେ କି ନିରେଖିଲି ! ॥୧॥

ହସରୁ ତୁମର ଆଲୋକର ଧାରା ଖସେ
କଳାମେଘ ତଳେ ଚହଟ-ଚପଳା କି ସେ
ଅନ୍ଧ ଏ ଆଖିପତା ତଳେ ଦିଅ ଅଞ୍ଜନ ଲେଖା ବୋଲି
ଆଲୋକ, ଆଲୋକ, ଆଲୋକ ନିରେଖେ ଚଉଦିଗେ ମୋର ଖାଲି ॥୨॥

ତୁମେ ଯେବେ ସଖା ଦୁଆର ଦିଅ ଗୋ ମୁଦି
ଘେରି ତ ଯାଆନ୍ତି ଭଗାରିଏ ଦାଉ ସାଧି
ତୁମେ କି ପଥର ପାଲଟିବ, ମୋତେ ନ ଘେନିବ ଦାସ ବୋଲି
କୋଟି ଅପରାଧ କ୍ଷମା କର, ପଦ ତଳରୁ ନ ଦିଅ ଠେଲି ॥୩॥

❖

(୨)

କ୍ଷମା-ସାଗର ହେ ! କାହିଁକି ଏ ନାମ ଧର
କ୍ଷମା ଯେବେ ତୁମେ ନ ଦେବ ଠାକୁର !
କୋଟି ଅପରାଧ ମୋର ? ॥୦॥
ଭୁଇଁଛୁଆଁ କାଲୁ ଯେବେ ମୋତେ ଜଣା-
ନ ଥିଲା ସଂସାର କିସ
ସେତିକିବେଳରୁ ରକତେ ମିଶାଇ-
ଦେଇ ଅପରାଧ-ବିଷ
ଅଥଳେ ଭସାଇ, ତାରିବା ବେଳକୁ
କାହିଁକି ପର ବିଚାର ? ॥୧॥
ଅପରାଧ ତ ମୋ ଜୀବନ ଦୋସର
ତୁମେ କି ନ ଜାଣ ତାହା
ହେବି ପଥ ବଣା ଏ କଥା ତ ଜଣା
କିଏ ମଣାଇବ ରାହା ?
ତୁମେ ପରା ଅନ୍ଧ-ଲଉଡି ମଣିମା
ମିଛ କି ମୋ କହିବାର ॥୨॥
ଅପରାଧୀ ବୋଲି ଅଳି କଲି ଯେବେ
କ୍ଷମା ପାଇବାକୁ ମୁହିଁ
ଗୁରୁଦୋଷ ଦେଖି କ୍ଷମା ନ ଦେବାର
ବିଚାର ଯେବେ ଗୋସାଇଁ !
ପଦେ ଠେଲି ଦିଅ ଚରଣଧୂଳିରେ
ଧୂସର ହେଉ ଏ ଶିର
ମଥାରେ ଲାଗୁ ଠାକୁର ॥୩॥

❖





(୩)

ଏଇ ଶପଥ ମୁଁ ନେଲି
ସେଦିନ ମାଗିବି କ୍ଷମା, ବାରିବି ମୁଁ
ଯେବେ 'ତୁମେ ମୋର' ବୋଲି ॥୦॥

ଅଳି କରିବାର ସାଜେ ସିନା ଏକା ଆପଣା ଜନ ପାଶରେ
ମୁଖ ଫିଟିବ କି ଯେତେ ଦୁଃଖୀ ହେଲେ ଥାଏ ଯେବେ ଦୂରେ ଦୂରେ
ନଉକରପଣେ ସିଉକାର ମିଳୁ ଏତିକି ମିନତି କଲି ॥୧॥

ଜାଣି ବା ନ ଜାଣି, ବୁଝି ବା ନ ବୁଝି ଆଚରିଛି ଯେତେ ଦୋଷ
ଜଣାଇବାକୁ ତ ଛାତିରେ ମୋହର ବଳ ପାଉନାହିଁ ଲେଶ
କ୍ଷମା ଆଉ ସତେ ମାଗିବ କିପରି, ଶଙ୍କି ନିଶିଦିନ ମଲି ॥୨॥

ନାଗରା ବାଜୁଛି ତୁମେ ତ ଅକୂଳ କ୍ଷମା-ପାରାବାର-ପତି
ଅପରାଧ ମୋର ସୀମା ନାହିଁ ବୋଲି ବାରୁଛି ମୁଁ ନିତି ନିତି
ଅଧମଜନରେ ତୁମ ବିନେ ଆଉ ଶମିବ କିଏ କିପରି ? ॥୩॥

ଦଣ୍ଡିବା ଶକତି ଯାର ଥାଇ ପରା ସେ ପୁଣି କ୍ଷମା ଆଚରେ
ମିଛ କି ଏ କଥା କହ କୃପାନିଧି ! ଅନାଇଁ ଅଧମେ ଥରେ
କୋଟି ଅପରାଧ କ୍ଷମାକର ନାଥ ! ଚରଣେ ଶରଣ ଗଲି ॥୪॥

❖

(୪)

କ୍ଷମା-ସାଗର ବୋଲାଇ ହେଲା ଏକି ସୁବିଚାର ?
କରଯୋଡି ପଚାରୁଛି ଅବୁଝା, ଦୋଷ ନ ଧର ॥୦॥

ଅପରାଧ କରିବାର ଯେବେ ମୋ କରମଗାର
କହ ତେବେ ଏ ଜୀବନ ଗଢିଛି କେ କାରିଗର ? ॥୧॥

ମୁଁ ଯେବେ ହେ କ୍ଷମାନିଧି ! ସାଧିଲି ଯେତେ ଅବିଧି
କ୍ଷମା ଦେଇ, ରାହା କିଏ ବତାଇବ ସାହା ମୋର ॥୨॥

ଯାହା ଇଚ୍ଛା ତାହା କର, ଏତିକି ମିନତି ମୋର
ମାଗିଲେ ମାଗିବ କ୍ଷମା ତବ ପୟରେ କେବଳ ॥୩॥

❖





(୫)

ଚିର ଅପରାଧୀ ମୁହିଁ ହେ ଠାକୁର !
ଚିର ଅପରାଧୀ ମୁହିଁ
ଜାଣି ଜାଣି ପୁଣି ଅଜଣା ହେଉଛି
ଦେଖୁ ଦେଖୁ, ଦେଖୁ ନାହିଁ ॥୦॥
ଆଖି ଆଗେ ମାୟାଜାଲ ଘେରା
କୂଟ-କପଟରେ ମନ ଭରା
ଚିର ଚଞ୍ଚଳ ଚିତ୍ତ ସତତ
ସପନକୁ ସତ ମଣୁଥାଇ
ପର ଜନେ ମୋର ବୋଲି ମୁଁ ଆଦରି
ଆପଣା ଜନରେ ପାସୋରଇ ॥୧॥
କରାଉଛ ତୁମେ ଛପି ରହି
ଗରବେ କହେ ମୁଁ 'କଲି ମୁହିଁ'
ସୁଖବେଳେ ତୁମ ନାଆଁ ଧରେ ନାହିଁ
ଦୁଃଖବେଳେ କହେଁ, 'ରଖ ସାଇଁ' !
ଶପଥ କରି ମୁଁ କହୁଛି ଠାକୁର !
ଏ କଥା ତୁମର ପାଦ ଛୁଇଁ ॥୨॥
ଅବୁଝା ମୋ ପରି ନାହିଁ କେହି
ଅପରାଧର ମୋ ସୀମା ନାହିଁ
'ମୁଁ କାର' ମୋହର ଏକାନ୍ତ ଦୋସର
ଅଭିମାନେ ଖାଲି ଫୁଲୁଥାଇ
ଦୟାମୟ ! ତୁମେ ଯାହାରେ ଯା' ଦିଅ
କ୍ଷମାଟିକ ଥାଉ ମୋହ ପାଇଁ ॥୩॥

❖

(୬)

ମନର କଥା ମୋ ଏତେ
ତୁମରି ଅମଳ-କମଳ-ପୟର-
ଧୂଳି ବରଷୁ ମୋ ମାଥେ ॥୦॥

କୁରୀତି, କୁମତି, ଅନୀତି ଯେତେ
ଦୂରେ ରହୁ ମତି ତହୁଁ ସତତେ
ଅଭିମାନ, ଅହଂକାର, ଅନାଚାର
ଠାବ ନ ପାଉ ମୋ ଅନ୍ତରଗତେ ॥୧॥

ବିଷୟ ଆସକ୍ତି ତେଜି ଏ ମତି
ତବ ନାମ ଗାନେ ବଢାଉ ରତି
କରୁଣାନିଧାନ ପ୍ରାଣର ଠାକୁର !
କ୍ଷମା କର ତବ ଶରଣାଗତେ ॥୨॥

❖





(୭)

କ୍ଷମାନିଧି ! କ୍ଷମା ଜମା ମାଗୁନାହିଁ
କହି ଦିଅ ଖାଲି ଅବୋଲର କରି
ଜନମ ଦେଲ କିପାଇଁ ? ॥୦॥

ପିତା ବୋଲି ମୋର, ମନା କରିବାକୁ
ଅଛି କି ତୁମର ବଳ
ସେ ଗଛବିହନ ସେହି ଡାଳର ମୁଁ
ନୁହେଁ କି ସତରେ ଫଳ ?
କହ ମୋର ମଥା ଛୁଇଁ ॥୧॥

ମାଗି ଆସିଛି ମୁଁ ଦୁଆରେ ତୁମର
କ୍ଷମା ନୁହେଁ, ତୁମ ରୋଷ
ଅଯୋଗ୍ୟ ବୋଲି ମୁଁ ଠେଲିଦିଅ ପଦେ
ସେତିକିରେ ହେବି ତୋଷ
ପଦଧୂଳି ମନାସଇ ॥୨॥

❖

(୮)

ନ ଥିଲେ ଅପରାଧୀ ମୋହ ସରି
କ୍ଷମା ମାଗିବ କିଏ ପଦ ଧରି ॥୦॥

କ୍ଷମା-ସାଗର ବୋଲି, ତିନି ଜଗତେ ହୁରି-
ପଡିଛି, ଶୁଣୁଛି ମୁଁ କାନଭରି
ମନରେ ହେଜିହେଜି, ସେହି ଘୋଷଣା ଆଜି
ଆସିଛି, ପରଖିବି ଟାଣ କରି ॥୧॥

ସତେ ସିଂହ-ଦୁଆର, କିଳିଦେବ ଠାକୁର !
ମନ-ଆଶା ମୋ ମନେ ଯିବ ମରି
ଅଶେଷ ଅପରାଧୀ, ଜନେ ହେ ଦୟାନିଧି !
ଶମିଛ ପରା, ମୁଁ କି ଯିବି ଫେରି ? ॥୨॥

କ୍ଷମା ନ ଦେଲେ ମୋତେ, କଳଙ୍କ ଏ ଜଗତେ
ରଟିବ ସିନା, ଲାଜେ ଯିବି ସରି
ପିତା ମୋର ମହତ, ହୋଇ କି ବିପରୀତ
ଫଳ ଫଳିଲା ଭଲା କେଉଁପରି ? ॥୩॥

❖





(୯)

ଜାଣୁଛି, ବୁଝୁଛି ଅପରାଧର ମୋ ସୀମା ନାହିଁ, ସୀମା ନାହିଁ
ତେବେକେ ଠାକୁର ! ତୁମ ଚରଣରେ କ୍ଷମା ଜମା ମାଗୁନାହିଁ
ମାଗୁଛି ମାତର ଏତେ
କ୍ଷମା ମାଗିବାକୁ ତୁମ ପଦତଳେ ଶକତି ଦିଅ ହେ ମୋତେ ॥୧॥

ନୁହେଁ ମୁହିଁ ଆନ ତୁମରି ସନ୍ତାନ ଦୂର କର ନାହିଁ ମୋତେ
ଠେଲି ଦେଲେ ଯେତେ, ଦୂରେ ଦୂରେ କେତେ ଦୂର ହେବି ନାହିଁ କେବେ
ତୁମେ ହେ କ୍ଷମା-ସାଗର
ଆଶରା ଦେବାକୁ ମନା କର ନାହିଁ ବିନୀତ ପ୍ରାର୍ଥନା ମୋର ॥୨॥

କ୍ଷମା ଦେଲେ ଦିଅ, ନ ଦେଲେ ନ ଦିଅ, ତହିଁକି ଶୋଚନା ନାହିଁ
ବାରଣ ନ କର ସେବକ-ଜନର ସେବା କେବେ ନେବାପାଇଁ
ଆଉ ପଦେ କଥା ମୋର
କିଳିଦେବ ନାହିଁ ଦେଉଳ ଦୁଆର, ଜଣାଏଁ ନୁଆଁଇ ଶିର ॥୩॥

❖

(୧୦)

ସିଂହ ଦୁଆର ପାଶେ　　　　କରଯୋଡ଼ି ନିରାଶେ
　　ଜଣାଏଁ ଦୀନ ଜନ ଆସି
କୃପା-ସରିତପତି　　　　ଅଗତି ଜନଗତି
　　ଉଡ଼ି ତ ଯାଉଛି ଫାକାଶୀ
　　　　ହେ ଦୟାନିଧି !
　　ବିଧିରେ ଏ କିସ ଅବିଧି
ମୋହଲାଗି କେବଳ　　　　କ୍ଷମା-ସରିତ ଜଳ
　　ଶୁଖିଗଲା କି ନିରବଧି ?　॥୧॥
ନାହାନ୍ତି କେତେ କେତେ　　　　ପାପୀ, ତାପୀ ଜଗତେ
　　ଶୁଣି ତ ଅଛି କାନେ ମୁହିଁ
କେବଳ ନାମ ଧରି　　　　ଯାଇ ଅଛନ୍ତି ତରି
　　ଦୁଆର ବାସନ୍ଦ ମୋ ପାଇଁ
　　　　ହେ କୃପାମୟ !
　　କେ କି ଲାଞ୍ଚ ଦେଇଛି କହ
ଧନ ଜନ-ଜୀବନ　　　　ମନ ଧିଆନ ଜ୍ଞାନ
　　ଜାଣୁଛି କିଛି ମୋର ନୁହଁ　॥୨॥
ଅପରାଧ ମୋ କେତେ　　　　ଗଣିବା ପାଇଁ ସତେ
　　ସାଗର ବାଲି ହେବ ଊଣା
ତୁମ ବିନେ ମଣିମା ! କେ କଳିବ ତା ସୀମା
　　ଭାବି ଭାବି ମୋ ବୁଦ୍ଧି ବଣା
　　　　ହେ ମହାବାହୁ !
　　ମାଗୁଣି ନାହିଁ କିଛି ଆଉ
କ୍ଷମା ନ ଦେଲେ ନାହିଁ　　　　ଶ୍ରୀଗୁରୁ ଦାସ ହୋଇ
　　ନାମ ଗାଇ ଏ ଜୀବ ଯାଉ　॥୩॥

❖



ଜୟଗୁରୁ

# ପ୍ରଣତି-ଶତକ

## ଦ୍ୱିତୀୟ ଉଚ୍ଛ୍ୱାସ

ପ୍ରକାଶକ
ନୀଳାଚଳ ସାରସ୍ୱତ ସଂଘ, ପୁରୀ